RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -177 ସଂଖ୍ୟା-୧୭୭
ଭୁବନେଶ୍ୱର, ଗୁରୁବାର, ୨୫ ସେପ୍ଟେମ୍ବର ୨୦୨୫
Bhubaneswar, Thursday, 25 September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଛି: ସିଏଜି

ଭୁବନେଶ୍ୱର,୨୪।୯(ନି.ପ୍ର.): ସରକାର ଆଦିବାସୀଙ୍କ ବିକାଶ ପାଇଁ ଅନେକଗୁଡ଼ଏ ପଦକ୍ଷେପ ହାତକୁ ନେଇଛନ୍ତି। କିନ୍ତୁ ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନଥିବାରୁ ଆଦିବାସୀମାନେ ଯେଉଁ ସ୍ତରରେ ପହଞ୍ଚିବା କଥା, ସେଇଠିକୁ ଯାଇପାରୁ ନାହାନ୍ତି। ଆଦିବାସୀଙ୍କ ବିକାଶ ନାଁରେ ବଡ଼ଧରଣର ଦୁର୍ନୀତି ?ହୋଇଛି। ସିଏଜି ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା ଅନିୟମିତତା ଧରା ପଡ଼ିଛି।



ସାମ୍ବାଦିକ ସମ୍ମିଳନୀରେ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ ଅତୁଲ ପ୍ରକାଶ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି, ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି (ଆଇଟିଡିଏ)କୁ ମିଳିଥିବା ସରକାରୀ ଅନୁଦାନ ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ। ସିଏଜି ପକ୍ଷରୁ ୧୧ଟି ଆଇଟିଡିଏକୁ ନମୁନା ଭାବେ ନେଇ ଅଡିଟ କରିଥିଲେ। ଏଥିରୁ ଜଣାପଡିଛି ଯେ, ୧୭୦୯ କୋଟିରୁ ୧୧୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାକୁ ଅଡିଟ ରିପୋର୍ଟରେ ଆଇଟିଡିଏ ଗୁଡ଼ିକର ଖରାପ ପ୍ରଦର୍ଶନ ବୋଲି ଦର୍ଶାଇଛନ୍ତି। ଜୁନିୟର ଇଞ୍ଜିନିୟର ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରମାନେ କୋଟି କୋଟି ଟଙ୍କାର ସରକାରୀ ଅର୍ଥକୁ ବ୍ୟକ୍ତିଗତ ଖର୍ଚ୍ଚ କରିଛନ୍ତି। ସରକାରୀ ବାବୁମାନେ ନିଜ ଖର୍ଚ୍ଚ ପାଇଁ ୧୪୮ କୋଟି ଟଙ୍କା ଉଡ଼ାଇ ଦେଇଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ଥିବା ସରକାରୀ ଟଙ୍କାକୁ ନିଜର ମୋବାଇଲ ରିଚ଼ାର୍ଜ, ଫୋନ ପେ' ପେମେଣ୍ଟ, ବୀମା ପ୍ରିମିୟମ, ଏଟିଏମରୁ ଟଙ୍କା ଉଠାଣ କରି ଖର୍ଚ୍ଚ କରିଛନ୍ତି ଜେଇ ଏବଂ ଏଇ।

ସିଏଜି ପକ୍ଷରୁ ୧୧ଟି ଆଇଟିଡିଏକୁ ନମୁନା ଭାବେ ନେଇ ଅଡିଟ କରିଥିଲେ। ଏଥିରୁ ଜଣାପଡିଛି ଯେ, ୧୭୦୯ କୋଟିରୁ ୧୧୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାକୁ ଅଡିଟ ରିପୋର୍ଟରେ ଆଇଟିଡିଏ ଗୁଡ଼ିକର ଖରାପ ପ୍ରଦର୍ଶନ ବୋଲି ଦର୍ଶାଇଛନ୍ତି।

ସିଏଜି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ପୂର୍ବ ସରକାରରେ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଛି। ୨୦୧୮ରୁ ୨୦୨୩ ମଧ୍ୟରେ ୨୩୬ ପାନୀୟ ଜଳ ପ୍ରକଳ୍ପରୁ ୧୬୧ଟି ପ୍ରକଳ୍ପ କାମ ଶେଷ ହୋଇଥିବା ବେଳେ ୨୩ଟି କାମ ଚ଼ାଲିଛି ଏବଂ ୫୨ ପ୍ରକଳ୍ପର କାମ ଆରମ୍ଭ ହୋଇନାହିଁ। ଠିକାଦାରଙ୍କ ମନମାନି, ଜମି ଅଧିଗ୍ରହଣରେ ବିଳମ୍ବ ଭଳି କାରଣ ଯୋଗୁଁ ପ୍ରକଳ୍ପ ଗୁଡ଼ିକ ଦୀର୍ଘ ଦିନ ଧରି ଶେଷ ହୋଇପାରିନାହିଁ।

ସେହିପରି ପୂର୍ବ ସରକାର ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକରେ ସର୍ବନିମ୍ନ ମୌଳିକ ସୁବିଧାର ବ୍ୟବସ୍ଥା କରିନଥିଲେ। ଏପରିକି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ଥିବା ଶ୍ରବଣ ଯନ୍ତ୍ର, ବ୍ରେଲି ବହି ଯୋଗାଇ ଦିଆଯାଇନଥିଲା। ଭିନ୍ନକ୍ଷମ ପିଲାଙ୍କୁ ହଷ୍ଟେଲରେ ଖଟ, ବିଛଣା, ମଶା ଦାନି ବି ଦେଇନଥିଲେ ସରକାର।

## ପାତ୍ରପଡ଼ା ହିଟ୍ ଆଣ୍ଡ ରନ୍ ମାମଲାର ଥାର୍ ମାଲିକ ସୋମନାଥ ଗିରଫ

ଭୁବନେଶ୍ୱର, ୨୪/୦୯: ସରିଲା ଲୁଚ଼କାଳି ଖେଳ । ଧରାପଡିଲେ ଥାର୍ ମାଲିକ । ସୋମନାଥ ବେହେରାଙ୍କୁ ପୁରୀରୁ ଗିରଫ କରିଛି ଖଣ୍ଡଗିରି ପୁଲିସ । ଏନେଇ ସୂଚ଼ନା ଦେଇଛନ୍ତି ପୁଲିସ କମିଶନର । ଥାର୍ ଦୁର୍ଘଟଣା ମାମଲାରେ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା ପୁଲିସ।

ଏହି ଘଟଣାରେ ଏସିପି ତାପସ ଚ଼ନ୍ଦ୍ର ପ୍ରଧାନ କହିଛନ୍ତି, ଭିଡିଓ ଯୋଗୁଁ କାର୍ ରେସିଙ୍ଗ କରୁଥିଲେ । ପୂର୍ବରୁ ୪ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ଥାର୍ ଗାଡ଼ି ମାଲିକ ସୋମନାଥ ବେହେରା ଏବଂ ତାକୁ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ସନ୍ଦୀପ ନାୟକଙ୍କୁ ବି ପୁଲିସ ଗିରଫ କରିଛି । ଏହି ଘଟଣାରେ ମୋଟ୍ ୬ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି ଓ ଏହି ଦୁର୍ଘଟଣା ପରେ ଗାଡ଼ି ଚ଼ଳାଇଲା ବେଳେ, ଚ଼ାଳକ କିମ୍ବା ପାସେଞ୍ଜର ରିଲ୍ସ କରିବା ସହ ରେସିଙ୍ଗ ନକରିବାକୁ ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ସୂଚ଼ନା ଥାଉକି, ଗତ ରାକ୍ଷୀ ପୂର୍ଣ୍ଣମୀ ଦିନ ଥାର୍ ଧକ୍କାରେ ଜଣେ ୮ ବର୍ଷର ଝିଅର ମୃତ୍ୟୁ ହୋଇଥିଲା । ୨ ଜଣ ଗୁରୁତର ହୋଇ ଏମ୍ସରେ ଚ଼ିକିତ୍ସିତ ହେଉଥିଲେ । ମାତ୍ର ପରେ ଚ଼ିକିତ୍ସିତ ଅବସ୍ଥାରେ ମା'ର ଜୀବନ ଚ଼ାଲିଯାଇଥିଲା । ଏହି ଘଟଣାକୁ ନେଇ ଉତ୍ତେଜନା ବଢ଼ିଥିବା ବେଳେ ମୃତକଙ୍କ ପରିବାର ଲୋକ ଟାୟାର ଜାଳି ରାସ୍ତା ରୋକ କରିବା ସହ ପ୍ରତିବାଦ କରିଥିଲେ। ପୁଲିସ ପ୍ରଶାସନର ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା ।

# ଆଗୁଆ ସରିଲା ବିଧାନସଭା

ଭୁବନେଶ୍ୱର,୨୪।୯(ସ୍ୱାଧିକାରନ୍ୟୁଜ): ପୂର୍ବ ନିର୍ଦ୍ଧାରିତ ଦିନକ ପୂର୍ବରୁ ସରିଲା ବିଧାନସଭାର ମୌସୁମୀ ଅଧିବେଶନ। ସେପ୍ଟେମ୍ବର ୧୮ରୁ ଅଧିବେଶନ ଆରମ୍ଭ ହୋଇଥିଲା। ସୂଚୀ ଅନୁସାରେ ସେପ୍ଟେମ୍ବର ୨୫ ଯାଏଁ ଗୃହ ଚଳିବାର ଥିଲା। ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ କାର୍ଯ୍ୟ ମୁଲତବି ରଖିଛନ୍ତି। କିଛି ସରକାରୀ କାର୍ଯ୍ୟ ନଥିବାରୁ ଓ ନବରାତ୍ର ପୂଜା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହ କାର୍ଯ୍ୟକୁ ବନ୍ଦ ପ୍ରସ୍ତାବ ଆଣିଛନ୍ତି।

ଏହି ୬ ଦିନ ଭିତରେ ପ୍ରାୟ ୫ ଦିନ ଗୃହରେ ବିରୋଧୀଙ୍କ ହଙ୍ଗାମା ଯୋଗୁଁ କୌଣସି କାର୍ଯ୍ୟକ୍ରମ ହୋଇପାରିନଥିଲା। କେବଳ ଦୁଇଟି ସରକାରୀ ବିଲ୍ ସହ ଜିଏସ୍ଟି ନେଇ ସରକାରଙ୍କ ପକ୍ଷରୁ ଗୃହରେ ଏକ ସଂକଳ୍ପପତ୍ର ପାରିତ ହୋଇଥିଲା। ମୌସୁମୀ ଅଧିବେଶନରେ ସାତଟି କାର୍ଯ୍ୟ ଦିବସ ଥିବା ବେଳେ ଛଅଟି କାର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଛି। ବିଧାନସଭାର ଦ୍ୱିତୀୟ ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ବାରମ୍ବାର ହୋହାଲ୍ଲା କରିଥିଲେ। ଦ୍ୱିତୀୟ ଦିନରେ ବିଜେଡି ବିଧାୟକମାନେ ରାଜ୍ୟରେ ଚାଷୀମାନଙ୍କୁ ଉପଯୁକ୍ତ ପରିମାଣରେ ସାର ଦିଆଯାଉ ନଥିବା ଅଭିଯୋଗ ଆଣି ହୋହାଲ୍ଲା କରିଥିଲେ । ସେହିପରି କଂଗ୍ରେସ ବିଧାୟକମାନେ ଏକାଧିକ ଥର କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ମୂର୍ତ୍ତି ତଳେ ବସିଥିଲେ। ଏହି ଅଧିବେଶନରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଦୁଇ ଥର ଆଣିଥିଲେ ।

ଗୃହ କାର୍ଯ୍ୟ ସମୟରେ ବିରୋଧୀ ଦଳର ବିଧାୟକମାନେ ଶାସକ ଦଳକୁ ଏକାଧିକ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ। ଶାସକ ଦଳ ଏହାର ଉତ୍ତର ଦେଇଥିଲେ ଷଷ୍ଠ ଦିନରେ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଗୃହରେ ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ)ବିଲ ୨୦୨୫ ପାରିତ ହୋଇଛି।

ବିଧାନସଭାର ପ୍ରଥମାର୍ଦ୍ଧ ବୈଠକରେ ମହିଳା ମାନଙ୍କର ସୁରକ୍ଷା ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ଦଳର ବିଧାୟକ ମାନେ ହଟ୍ଟଗୋଳ କରିଥିଲେ । ଏହି ପ୍ରସଙ୍ଗରେ ହଟ୍ଟଗୋଳ କାରଣରୁ ଆଜି ନାରାବାଜୀ ମଧ୍ୟରେ ୧୧ଟା ଯାଏ ପ୍ରଶ୍ନକାଳ ଚାଲିଥିଲା । ହେଲେ ହଟ୍ଟଗୋଳ କମ ନ ହେବା କାରଣରୁ ବାଚସ୍ପତି ସୁରମା ପାଢୀ ଗୃହକୁ ୧୧ଟାରୁ ୧୧.୩୦ ଯାଏ ମୁଲତବୀ ରଖିଥିଲେ । ଏହି କାରଣରୁ ଆଜି ପ୍ରଶ୍ନକାଳ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା ।

ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଦିନ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତର ଦେବାକୁ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଧନ ସିଂହଦେଓଙ୍କୁ ଡାକିଥିଲେ । ଆଜି ବିଜେଡି ଦଳର ବିଧାୟକ ମାନେ ଗୃହ କାର୍ଯ୍ୟରେ ସହଯୋଗ କରିଥିବା ବେଳେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ । କଂଗ୍ରେସ ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡିୟମ ନିକଟକୁ ଯାଇ ନାରାବାଜୀ କରିଥିଲେ । ସେମାନେ ରାଜ୍ୟରେ ମହିଳା ସୁରକ୍ଷା ଆମର ଦାବି ଭଳି ନାରା ଲଗାଉଥିବା ଦେଖିବାକୁ ମିଳିଥିଲା । ହେଲେ ପାଟିତୁଂଡ ଓ ନାରାବାଜୀ ମଧ୍ୟରେ ବାଚସ୍ପତି ପ୍ରଶ୍ନକାଳ କାର୍ଯକ୍ରମ ଜାରୀ ରଖିଥିଲେ । ମନ୍ତ୍ରୀ ତାଙ୍କର ଉତର ଦେଉଥିବା ବେଳେ ବିଧାୟକ ମାନେ ଅତିରିକ୍ତ ପ୍ରଶ୍ନ ପଚାରୁ ଥିବା ଦେଖିବାକୁ ମିଳୁଥିଲା । ବାଚସ୍ପତି ସୁରମା ପାଢୀ କଂଗ୍ରେସ ବିଧାୟକ ମାନଙ୍କୁ ନିଜ ନିଜ ସ୍ଥାନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ଏହି ପାଟିତୁଣ୍ଡ ମଧ୍ୟରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଜାରୀ ରହିଥିଲା । ହେଲେ କଂଗ୍ରେସ ବିଧାୟକ ମାନେ ସେମାନଙ୍କ ହଟ୍ଟଗୋଳ ଜାରୀ ରଖିଥିବା କାରଣରୁ ବାଚସ୍ପତି ୧୧ଟାରୁ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

## ପୂଜା ପାଇଁ ଆଗୁଆ ଦରମା

ଭୁବନେଶ୍ୱର,୨୪।୯(ନି.ପ୍ର.): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚ଼ାରୀଙ୍କୁ ଆଗୁଆ ମିଳିବ ଦରମା । ଚ଼ଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।



ରାଜ୍ୟର ସମସ୍ତ ସରକାରୀ କର୍ମଚ଼ାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସ୍ଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚ଼ତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚ଼ଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦଶହରା ପାଇଁ ଆସନ୍ତା ୨୭ ତାରିଖରୁ ସରକାରୀ ଛୁଟି ଥିବା ବେଳେ କୋରାପୁଟ ଜିଲ୍ଲାରେ ୨୮ ଯାଏଁ ସରକାରୀ କର୍ମଚ଼ାରୀଙ୍କ ଛୁଟି ବାତିଲ୍ କରାଯାଇଛି। ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଛୁଟି ବାତିଲ୍ କରିଛନ୍ତି କୋରାପୁଟ ଜିଲ୍ଲାପାଳ। ହେଡ୍ କ୍ୱାର୍ଟର୍ସ ନ ଛାଡିବା ପାଇଁ ସରକାରୀ କର୍ମଚ଼ାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

## ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୪।୯(ନି.ପ୍ର): ଲଘୁଚ଼ାପ ପ୍ରଭାବରେ ଆହୁରି ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ସାରା ରାଜ୍ୟରେ ବିଜୁଳି ଓ ଘଡଘଡି ସହିତ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି।



ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ଉପରେ ଦୁଇ ଦୁଇଟି ଲଘୁଚ଼ାପର ପ୍ରଭାବ ପଡିବ। ଏଥି ପାଇଁ ଆହୁରି ୪ ଦିନ ଯାଏ ପ୍ରବଳ ବର୍ଷିବ। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚ଼ାପ ବର୍ତମାନ ଉତ୍ତରର ଓଡିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିଛି। ଏହା ଆଗାମୀ ୧୨ ଘଣ୍ଟାରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏଥିସହ ଆଜି ଏକ ଘୂର୍ଣ୍ଣିବଳୟ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି। ଏହା ଧୀରେଧୀରେ ପଶ୍ଚିମ ଆଡକୁ ଗତି କରିବ। ପ୍ରଭାବରେ ଆସନ୍ତାକାଲି ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚ଼ାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ପରେ ଏହା ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ ତାରିଖରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକରୁ ମଧ୍ୟମଧରଣର ବର୍ଷା ହୋଇଥିବା ବେଳେ ଅନେକ ସ୍ଥାନରେ ଭୀଷଣ ବର୍ଷା ୮ଟି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୨୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ସମ୍ବଲପୁର ଓ ବୁର୍ଲାରେ ସର୍ବାଧିକ ବର୍ଷା ୨୨୬ ମିମି ରେକର୍ଡ କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଉଭୟ ଲଘୁଚ଼ାପ ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ। ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରେ ସାରା ଓଡ଼ିଶାରେ ବିଜୁଳି ଘଡଘଡି ବର୍ଷାକୁ ନେଇ ହଳଦିଆ ଚେତାବନୀ ଦେଇଛି ବିଭାଗ।

ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ସହ ରାୟଗଡ଼ା, କୋରାପୁଟ, ନବରଙ୍ଗପୁରଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱ୍ୱାର୍ଣ୍ଣି ଚେତାବନୀ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ସାରା ଓଡ଼ିଶାରେ ବିଜୁଳି ଓ ଘଡଘଡି ବର୍ଷାକୁ ନେଇ ୟେଲୋ ୱ୍ୱାର୍ଣ୍ଣି ଜାରି ହୋଇଛି। ନବରଙ୍ଗପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ସହ ରାୟଗଡା, ଗଜପତି, କୋରାପୁଟ ଓ ମାଲକାନଗିରି ଏହି ୪ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ଏହାସହ ମେଘୁଆ ପାଗ ସହ ସମୁଦ୍ର ଉପକୂଳରେ ୩୫ ରୁ ୬୦ କିମି ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ମତ୍ସ୍ୟଜୀବୀଙ୍କୁ ୨୮ ସେପ୍ଟେମ୍ବର ଯାଏ ସମୁଦ୍ର ମଧ୍ୟ କୁ ଯିବାକୁ ବାରଣ କରିଛି ବିଭାଗ।

## ପ୍ରଥମ ପତ୍ନୀଙ୍କୁ ମାରିଥିଲା ଦୀପକ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୪।୯: ୨୦ ଲକ୍ଷ ଟଙ୍କା ପାଇଁ ପୋଲିସ କନେଷ୍ଟବଳ ଶୁଭମିତ୍ରାଙ୍କୁ ହତ୍ୟା କରିଛି । ବିଧାନସଭାରେ ମୁଲତବୀ ଆଲୋଚ଼ନାରେ ଏଭଳି କହିଲେ ଆଇନ ମନ୍ତ୍ରୀ । ଅଭିଯୁକ୍ତ ଦୀପକ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀକୁ ମଧ୍ୟ ହତ୍ୟା କରିଥିଲା । ବୀମା ଅର୍ଥ ପାଇବାକୁ ଦୀପକ ତାଙ୍କୁ ହତ୍ୟା କରିଥିଲା ବୋଲି ଆଇନ ମନ୍ତ୍ରୀ ସୂଚ଼ନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି, ୨୦୧୮ ମସିହାରେ ଅଭିଯୁକ୍ତ ଦୀପକ ରାଉତ ନିଜ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିଲେ । ୨୦୨୨ ମସିହାରେ ଇନସ୍ୟୁରାନ୍ସ ଟଙ୍କା ହଡ଼ପ କରିବାକୁ ପ୍ରଥମ ପତ୍ନୀଙ୍କୁ ହତ୍ୟା କରିଥିଲା ଦୀପକ ରାଉତ । ତଦନ୍ତ ସମୟରେ ଟ୍ରକ୍ ଧକ୍କାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । କିନ୍ତୁ, ଦୁର୍ଘଟଣା ଘଟାଇଥିବା ଟ୍ରକଟି ଘଟଣା ଦିନ ରାଉରକେଲାରେ ଥିବା ଜଣାପଡ଼ିଥିଲା। ତେଣୁ ଅପର୍ଣ୍ଣାଙ୍କ ହତ୍ୟା କାହିଁକି ହୋଇଥିଲା ଏବଂ କାହା ସ୍ୱାର୍ଥରେ ହତ୍ୟାକୁ ଲୁଚ଼ାଇ ଦିଆଯାଇଥିଲା ତାହା ସ୍ପଷ୍ଟ ହେବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି । ଉଲ୍ଲେଖ ଥାଉ କି ଅପର୍ଣ୍ଣା ଓ ଦୀପକଙ୍କ ବିବାହ ୨୦୧୮ ମସିହା ଏପ୍ରିଲ୍ ୨୫ ତାରିଖରେ ହୋଇଥିଲା। ମାଟ୍ରିମୋନିଆଲ୍ ସାଇଟ୍‌ରୁ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ହେବା ପରେ ବିବାହ ହୋଇଥିଲା। ବିବାହର ଦୁଇରୁ ତିନିମାସ ପରଠୁ ବିବାଦ ଲାଗି ରହିଥିଲା। ଦୀପକଙ୍କ ସହିତ ତାଙ୍କ ମା' ଓ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ କାମ କରୁଥିବା ତାଙ୍କର ଜଣେ ଧରମ ଭଉଣୀ ମିଳିତ ଭାବେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଅପର୍ଣ୍ଣା ନାମରେ ଋଣ କରି ସେହି ଟଙ୍କାକୁ ଦୁଇଟି ଭିନ୍ନଭିନ୍ନ ବ୍ୟବସାୟରେ ଲଗାଇଥିଲେ। ଏଭଳି ସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ମଧ୍ୟ ନଷ୍ଟ ହୋଇଯାଇଥିଲା। ମୃତ୍ୟୁର ୬ମାସ ପୂର୍ବରୁ ସେ ପୁଣି ଥରେ ଗର୍ଭବତୀ ହୋଇଥିଲେ। ଅନ୍ୟପଟେ ୨୦୨୫ ମସିହା ସେପ୍ଟେମ୍ବର ୬ ତାରିଖରେ ଶୁଭମିତ୍ରାଙ୍କୁ ଜଘନ୍ୟ ଭାବେ ହତ୍ୟା କରିଥିଲା ଦୀପକ ରାଉତ । ପୋଲିସ ମାତ୍ର ୧୦ ଦିନ ଭିତରେ ଗତ ୧୭ ତାରିଖରେ ଶୁଭମିତ୍ରା ସାହୁଙ୍କ ହତ୍ୟାକାରୀ ଦୀପକ ରାଉତକୁ ଧରିଥିଲା ।

# ଲେହ-ଲଦାଖରେ ନେପାଳ ଭଳି ସ୍ଥିତି

## ବିଜେପି ଅଫିସ ଉପରେ ଆକ୍ରମଣ, ପୁଲିସ ଗାଡି ଜାଳିଦେଲେ ଜେନ୍-ଜି

ଲଦାଖ: ବୁଧବାର ଦିନ ଲେହ-ଲଦାଖରେ ଯୁବ ପ୍ରଦର୍ଶନକାରୀଙ୍କ ପ୍ରତିବାଦ ହିଂସାତ୍ମକ ରୂପ ନେଇଛି। ରାସ୍ତାରେ ପ୍ରତିବାଦ କରୁଥିବା ଜେନ୍-ଜିମାନେ ବିଜେପି କାର୍ଯ୍ୟାଳୟ ଉପରେ ଆକ୍ରମଣ କରିବା ସହ ପଥର ମାଡ଼ କରିଛନ୍ତି। ଏହା ସହ ଏକ ପୁଲିସ ଗାଡ଼ିକୁ ମଧ୍ୟ ଜାଳି ଦିଆଯାଇଥିବା ଜଣାପଡିଛି।



ସୂଚ଼ନା ଅନୁଯାୟୀ, ପ୍ରଦର୍ଶନକାରୀମାନେ ରାଜ୍ୟ ମାନ୍ୟତା ଏବଂ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚ଼ୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରି ବିରୋଧ ପ୍ରଦର୍ଶନ କରୁଛନ୍ତି। ପରିସ୍ଥିତି ଖରାପ ହେଉଥିବା ଦେଖି ସ୍ଥାନୀୟ ପୁଲିସ ପ୍ରତିବାଦ ସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରିବାରୁ ଏବେ ପରିସ୍ଥିତି ନିୟନ୍ତ୍ରଣରେ ଥିବା କୁହାଯାଉଛି।

ତେବେ ବର୍ତ୍ତମାନ ସମୟରେ ଏପରି ସଂଘର୍ଷ ହେବା ପ୍ରଥମ ଘଟଣା ନୁହେଁ। ବୁଧବାର ଦିନ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କର ଦାବି ପୂରଣ ନେଇ ସରକାରଙ୍କ ଉପରେ ଚ଼ାପ ପକାଇବାକୁ ଲଦାଖ ବନ୍ଦ ଡାକରା ଦେଇଥିଲେ। ଏହି ସମୟରେ ବନ୍ଦ ଡାକରା ହିଂସାତ୍ମକ ମୋଡ ନେଇଥିଲା। ଆଜିର ଧର୍ମଘଟ ଏବଂ ସଂଘର୍ଷ ଏହି ଅଞ୍ଚଳରେ ବଢୁଥିବା କ୍ରୋଧ ଏବଂ ଅଶାନ୍ତିକୁ ପ୍ରତିଫଳିତ କରିଛି। ଲଦାଖର ଲୋକଙ୍କ ଦାବି ଉପରେ ଆଲୋଚ଼ନା ପୁନଃ ଆରମ୍ଭ କରିବାକୁ ଅକ୍ଟୋବର ୬ତାରିଖରେ ଲଦାଖ ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଡାକିଛନ୍ତି କେନ୍ଦ୍ର ସରକାର।

କୁହାଯାଉଛି ଯେ, ଗତ ୧୫ ଦିନ ଧରି ଲଦାଖରେ ପ୍ରତିବାଦ ଜାରି ରହିଛି। ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍ ୨ସପ୍ତାହ ହେଲାଣି ଅନଶନରେ ବସିଛନ୍ତି। ତାଙ୍କ ସହ ଅନଶନରେ ବସିଥିବା ୧୫ଜଣ ପ୍ରତିବାଦକାରୀଙ୍କ ମଧ୍ୟରୁ ୨ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ଅସୁସ୍ଥ ହେବା ପରେ ଦୁଇଜଣ ମହିଳା ପ୍ରତିବାଦକାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବାରୁ ପରିସ୍ଥିତି ଉତ୍ତ ?ଜନାପୂର୍ଣ୍ଣ ହୋଇଯାଇଥିଲା ବୋଲି ଜଣାଯାଇଛି। ଦୁଇଜଣ ମହିଳା ପ୍ରତିବାଦକାରୀଙ୍କୁ ହସ୍ପିଟାଲ ନିଆଯାଉଥିବା ଜାଣି ପ୍ରଦର୍ଶନକାରୀମାନେ ଲେହ ହିଲ୍ କାଉନସିଲ୍ କୋଠାରେ ପଥର ମାଡ଼ କରିବା ଆରମ୍ଭ କରିଥିଲେ। ଏହା ପରେ ଧୀରେ ଧୀରେ ସ୍ଥିତି ଅଣାୟତ୍ତ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯିବାରୁ ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି।

## ପାର୍ବଣ ଋତୁ ପାଇଁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୪।୯(ନି.ପ୍ର.): ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚ଼ାଳନା କରିବା ପାଇଁ, ଭାରତୀୟ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚ଼ୀ ଅନୁଯାୟୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପରିଚ଼ାଳନା କରିବ। ଝାନ୍ସୀ-ପୁରୀ-ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର (୦୧୯୨୯/୦୧୯୩୦) ଟ୍ରେନ ନମ୍ବର ୦୧୯୨୯ ଝାନ୍ସୀ-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ୨୮.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ୧୧:୫୫ ଘଣ୍ଟାରେ ଝାନ୍ସୀରୁ ଛାଡିବ। ଟ୍ରେନ ନମ୍ବର ୦୧୯୩୦ ପୁରୀ-ଝାନ୍ସୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୯.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶନିବାର ଦିନ ୨୩:୪୫ ଘଣ୍ଟାରେ ପୁରୀରୁ ଛାଡିବ। ପୂର୍ବ ତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ରହଣି: ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଏବଂ ପୁରୀ ।କୋଚ୍ ସଁରଚ଼ନା: ୨ୟ ଏସି - ୦୧, ୩ୟ। ଏସି - ୦୨, ଶୋଇବା - ୮, ସାଧାରଣ - ୮, ଦ୍ୱିତୀୟ ଶ୍ରେଣୀ ଲଗେଜ୍ କମ ଡିଭିଆଙ୍ଗଜାନ୍ - ୨। ନାରଙ୍ଗୀ-ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ (୦୬୫୬୦/୦୬୫୫୯) -ଟ୍ରେନ ନମ୍ବର ୦୬୫୬୦ ନାରଙ୍ଗୀ - ଏସଏମଭି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୯.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ଶନିବାର ସକାଳ ୦୫:୩୦ ରେ ନାରଙ୍ଗୀରୁ ଛାଡିବ। ଟ୍ରେନ ନମ୍ବର ୦୬୫୫୯ ଏସଏମଭି ବେଙ୍ଗାଲୁରୁ-ନାରଙ୍ଗୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୨୫.୧୧.୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଦିନ ରାତି ୨୩.୪୦ ରେ ଏସଏମଭି ବେଙ୍ଗାଲୁରୁରୁ ଛାଡିବ। ପୂର୍ବ ତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ରହଣି: ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, କୋଟ୍ଟାଭାଲାସା ଏବଂ ଦୁଭ୍ୱାଡା। କୋଚ୍ ସଁରଚ଼ନା: ଏହି ଯୋଡ଼ା ଟ୍ରେନ୍ ?ରେ ଦ୍ୱିତୀୟ ଏସି-୦୧, ତୃତୀୟ ଏସି-୪, ସ୍ଲିପର୍-୮, ସାଧାରଣ ଦ୍ୱିତୀୟ ଶ୍ରେଣୀ-୬, ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ (ଦିବ୍ୟାଙ୍ଗଜନ) କୋଚ୍-୦୨ ରହିବ ।ପର୍ବପର୍ବାଣୀର ଚ଼ାହିଦା ଏବଂ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାଗୁଡ଼ିକ ବ୍ୟବସ୍ଥା କରାଯାଇଛି, ଯାହା ପୂର୍ବତଟ ରେଳବାଇ ଜୋନର ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ।

## ୪ଜି ଟାୱାର, ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ ମୋଦୀ

ନୂଆଦିଲ୍ଲୀ,୨୪।୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ଓଡ଼ିଶା ସମେତ ଆଠଟି ରାଜ୍ୟରେ ଦେଶବ୍ୟାପୀ ସ୍ୱଦେଶୀ ୪ଜି ଷ୍ଟାକ୍ ଏବଂ ଡିଜିଟାଲ ଭାରତ ନିଧି (ଡିବିଏନ)ର ପାଣ୍ଠି ଯୋଗାଣରେ ନିର୍ମିତ ୪ଜି ଟାୱାରଗୁଡ଼ିକର ଶୁଭାରମ୍ଭ କରିବେ। ସେହିପରି ଓଡିଶାର ବ୍ରହ୍ମପୁରରୁ ଗୁଜରାଟର ସୁରଟ (ଉଧନା) ସହିତ ସଂଯୋଗ କରୁଥିବା "ଅମୃତ ଭାରତ ଏକ୍ସପ୍ରେସ"କୁ ମଧ୍ୟ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହାର ଉଦଘାଟନୀ ଯାତ୍ରାରେ, ଏହି ଟ୍ରେନ୍ ୨୭ ସେପ୍ଟେମ୍ବର ୨୦୨୫ରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ବ୍ରହ୍ମପୁର ରେଳଷ୍ଟେସନରୁ ଶୁଭାରମ୍ଭ କରାଯିବ । ଏହି ଟ୍ରେନର ନିୟମିତ ସେବା ପାଇଁ ସମୟ ସୂଚୀ ଶୀଘ୍ର ଘୋଷଣା କରାଯିବ ।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା ସାରା ଦେଶର ୯୨,୬୩୩ଟି ୪ଜି ସାଇଟ୍ ୨ କୋଟି ୨୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ହାଇସ୍ପିଡ୍ ଇଂଟରନେଟ୍ ସୁବିଧା ଯୋଗାଇ ଦେବ। ଏମାନଙ୍କ ମଧ୍ୟରୁ ୨୦ ଲକ୍ଷ ଉପଭୋକ୍ତା ପ୍ରଥମ ଥର ପାଇଁ ଡିଜିଟାଲ ସୁବିଧା ପାଇବାକୁ ଯାଉଛନ୍ତି । ଡିଜିଟାଲ ଭାରତ ନିଧି ୪ଜି ମୋବାଇଲ୍ ପ୍ରକଳ୍ପରେ ବିଏସଏନଏଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪,୧୮୦ଟି ଡିବିଏନ ପାଣ୍ଠି ବିଶିଷ୍ଟ ୪ଏ ସାଇଟ୍ ରହିଛି । ସେହିପରି ଘରୋଇ ଦୂରସଂଚାର ସେବା ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ୪,୭୨୩ ଟି ସାଇଟ୍ ଏଥିରେ ଅନ୍ତର୍ଭୁକ୍ତ ଯାହା ଭାରତର ୨୬,୭୦୭ଟି ଦୂରବର୍ତ୍ତୀ ଗ୍ରାମରେ ୨୦ ଲକ୍ଷ ପରିବାରକୁ ମୋବାଇଲ୍ ଏବଂ ଇଂଟରନେଟ୍ ସେବା ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ୧୮,୯୦୩ଟି ୪ଜି ସାଇଟ୍ ହେଉଛି ସୌର ଶକ୍ତି ଦ୍ୱାରା ପରିଚାଳିତ ହେବ ଯାହାକି ଭାରତରେ ସର୍ବାଧିକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାର ଅମଲିପାଲିସ୍ଥିତ ନମୋସ୍ଥଳଠାରେ ଉପସ୍ଥିତ ରହି ଏସବୁ ପ୍ରକଳ୍ପର ଶୁଭାରମ୍ଭ କରିବେ, ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ । ଏହାବ୍ୟତୀତ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ଉତ୍ତରପ୍ରଦେଶର ଲକ୍ଷ୍ନୌ, ମହାରାଷ୍ଟ୍ରର ପୁଣେ, ରାଜସ୍ଥାନର ଜୟପୁର, ଆସାମର ଗୌହାଟୀ, ଗୁଜରାଟରେ ଗାନ୍ଧୀନଗର, ବିହାରର ପାଟନାଠାରେ ସମାନ୍ତରାଳ ଭାବେ ୪ଜି ସାଇଟ୍ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏସବୁ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ, ଭାରତ, ଦୀର୍ଘ ଦିନ ଧରି ସେବାପ୍ରଦାନ ବା ସର୍ଭିସେସ୍ କ୍ଷେତ୍ରରେ ଏକ ପ୍ରମୁଖ ବିଶ୍ୱମହାଶକ୍ତି ରୂପେ ପରିଚିତ ହୋଇ ଆସିଛି। ଦେଶ ଏବେ ଉତ୍ପାଦ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସହିତ ସଫ୍ଟୱେର୍ ଏବଂ ଆଇଟି ସେବାରେ ଏହାର ବର୍ଦ୍ଧିତ କ୍ଷମତା ପ୍ରଦର୍ଶନ କରୁଛି। ଭାରତ ପୂର୍ବରୁ ଅଟୋମୋବାଇଲ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଭଳି କ୍ଷେତ୍ରରେ ଅଗ୍ରଗତି କରିସାରିଛି। ଦେଶ ଏବେ ଦୂରସଂଚାର ହାର୍ଡୱେର୍ ବିକାଶ ଏବଂ ବିନିଯୋଗ ସହିତ ନିଜର ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ଷ୍ଟାକ୍ ସହିତ ଆଗକୁ ବଢୁଛି । ଏହା କେବଳ ବିଏସଏନଏଲ ପାଇଁ ଏକ ପ୍ରକଳ୍ପ ନୁହେଁ, ବରଂ ଏହା ଏକ ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସଫଳତା। ଏହା ଭାରତକୁ ବିଶ୍ୱର ମାତ୍ର ପାଂଚଟି ଦେଶର ଏକ ସ୍ୱତନ୍ତ୍ର କ୍ଲବରେ ସ୍ଥାନିତ କରେ ଯେଉଁ ରାଷ୍ଟ୍ରଗୁଡ଼ିକ ଏକ ସମ୍ପୂର୍ଣ୍ଣ ମୋବାଇଲ୍-ନେଟୱର୍କ ଷ୍ଟାକ୍ ନିର୍ମାଣ ଏବଂ ବିନିଯୋଗ କରିବାରେ ସକ୍ଷମ। ବିଏସଏନଏଲ ଏହାର ୨୫ତମ ପ୍ରତିଷ୍ଠା ବର୍ଷ ପାଳନ କରୁଥିବା ସମୟରେ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱ ବହନ କରେ।

ସୃଜନ

ଗୁରୁବାର ୨୫ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

THURSDAY 25 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ଜନ୍ମ ଓ ମୃତ୍ୟୁହାର ହ୍ରାସ

ରେଜିଷ୍ଟ୍ରାର ଜେନେରୋଲ ଅଫ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ୨୦୨୩ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସଆରଏସ) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଦେଶ ଏବେ ଚିନ୍ତାଜନକ ଭାବେ ଏକ ଜନସାଂଖ୍ୟକୀୟ ପରିବର୍ତ୍ତନ ଦେଇ ଗତି କରୁଥିବା ସଂକେତ ପ୍ରଦାନ କରେ। ଏସଆରଏସ ପରିସଂଖ୍ୟାନ ତଥ୍ୟ ସୂଚନା ଦେଇଛି ଯେ, ଦେଶରେ କ୍ରୁଡ୍ ବାର୍ଥ ରେଟ(ସିବିଆର) ଏବଂ ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ନିମ୍ନଗାମୀ ହୋଇଛି। ଦେଶରେ ୧୯୭୧ ମସିହାରେ କ୍ରୁଡ୍ ବାର୍ଥ ରେଟ୍ ପ୍ରତି ୧୦୦୦ରେ ୩୬.୯ ଥିବାବେଳେ ୨୦୨୩ରେ ତାହା ୧୭.୧କୁ ହ୍ରାସ ପାଇଛି। ସେହିପରି ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ୧.୯ କୁ ହ୍ରାସ ପାଇଛି। ୨୦୨୧ରେ ଟିଏଫଆର ୨.୦ଥିବାବେଳେ ୨୦୨୨ରେ ତାହା ୧.୯କୁ ଖସି ଆସିଛି। ଟିଏଫଆର ହେଉଛି ଜୀବନକାଳ ମଧ୍ୟରେ ଜଣେ ମହିଳାଙ୍କ ହାରାହାରି ପ୍ରଜନନ ବା ଶିଶୁ ଜନ୍ମ ହାର। କହିବା ବାହୁଲ୍ୟ ଯେ, ୨.୧କୁ ପ୍ରଜନନର ଉପଯୁକ୍ତ ହାର ବୋଲି ବିବେଚନା କରାଯାଉଥିବାବେଳେ ଏହାଠାରୁ ତଳକୁ ଖସିବା ନିଶ୍ଚିତ ଭାବେ ଚିନ୍ତାଜନକ। ସେହିପରି ୨.୧ ଜନସଂଖ୍ୟା ବୃଦ୍ଧିର ସଂକେତ ପ୍ରଦାନ କରିଥିବାବେଳେ ଏହାଠାରୁ ତଳକୁ ଖସିଲେ ଜନସଖ୍ୟା ହ୍ରାସ ଏବଂ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧିର ସୂଚନା ପ୍ରଦାନ କରିଥାଏ। ଭାରତ ଏବେ ଏକ ବୟସ୍କ(ବୁଢ଼ା) ଲୋକଙ୍କ ଦୋମୁହାଁ ହୋଇଛି, ଏଥିରେ ସନ୍ଦେହ ନାହିଁ। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ୭୦ଦଶକରୁ ଆରମ୍ଭ ହୋଇଥିବା ଯୋଜନାର ଏହା ହେଉଛି ପ୍ରଭାବ। ପରିସଂଖ୍ୟାନ ଅନୁଯାୟୀ ୧୯୭୧ରେ ପ୍ରତି ୧୦୦୦ରେ ଜାତୀୟ ପ୍ରଜନନ ହାର ୫୨ଥିବାବେଳେ ଏବେ ଏହା ୧.୯କୁ ହ୍ରାସ ପାଇଛି। ପ୍ରତି ଦଶନ୍ଧିରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ୧୯୭୧ରେ ଦେଶରେ ୦-୧୪ବର୍ଷ ପିଲାଙ୍କ ସଂଖ୍ୟା ୪୧.୨ ଥିବା ବେଳେ ୨୦୨୩ ବେଳକୁ ୨୪.୨ କୁ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ଭାରତ ଯୁବକଙ୍କ ଦେଶ ଭାବେ ବିଶ୍ୱ ଦରବାରରେ ପରିଚିତ ଥିଲା। ସେତେବେଳେ ଦେଶର ମୋଟ ଜନସଂଖ୍ୟାର ୬୫ପ୍ରତିଶତ ଯୁବବର୍ଗର ଅର୍ଥାତ ୧୫ରୁ ୪୫ବର୍ଷ ବୟସ୍କ ଥିଲେ। ଜନ୍ମହାର ହ୍ରାସ ପାଇବା ସହ ଦେଶରେ ମୃତ୍ୟୁ ହାର ହ୍ରାସ ପାଇବାରେ ଲାଗିଛି। ଏସଆରଏସ ରିପୋର୍ଟ ଅନୁଯାୟୀ ଗତ ୪୦ବର୍ଷ ମଧ୍ୟରେ ଜନ୍ମ ଓ ମୃତ୍ୟୁ ହାର ଅଧା ଅର୍ଥାତ ୫୦ପ୍ରତିଶତ ହ୍ରାସ ପାଇଛି। ଦେଶରେ ୧୯୭୧ରେ କ୍ରୁଡ୍ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ୬.୪କୁ ଖସି ଆସିଛି। ସେହିପରି ଶିଶୁ ମୃତ୍ୟୁ ହାର ୧୯୭୧ରେ ପ୍ରତି ୧୦୦୦ରେ ୧୨୯ ଥିବା ସମୟରେ ୨୦୨୩ରେ ଏହା ୨୨କୁ ହ୍ରାସ ପାଇଛି। ସେହିପରି ମାତୃ ମୃତ୍ୟୁ ହାର ମଧ୍ୟ ଏହି ଅବଧି ମଧ୍ୟରେ ପ୍ରତି ୧,୦୦,୦୦୦ରେ ୯୭ପ୍ରତିଶତକୁ ହ୍ରାସ ପାଇଛି। ଉତମ ସ୍ୱାସ୍ଥ୍ୟ ଚିକିତ୍ସା, ପରିବାର ନିୟୋଜନ ଏବଂ ସାମାଜିକ ସୁସ୍ଥ ଅବସ୍ଥା ଯୋଗୁଁ ଏହା ସମ୍ଭବ ହୋଇଛି। ଯାହାର ପରିଣତି ସ୍ୱରୁପ ଦେଶରେ ବୟସ୍କ(ବୁଢ଼ା) ଲୋକଙ୍କ ସଂଖ୍ୟା ବଢ଼ଚାଲିଛି। କିନ୍ତୁ ଭାରତ ଏକ ବିଶାଳ ଦେଶ ହୋଇଥିବା ଯୋଗୁଁ ଆଂଚଳିକ ତଥା ରାଜ୍ୟଗୁଡ଼ିକର ବିବିଧତା ଦୃଷ୍ଟିରୁ ଜନ୍ମ ଓ ମୃତ୍ୟୁହାର ଭିନ୍ନ ଭିନ୍ନ ରହିଛି। ବିହାରରେ ସିବିଆଇ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ତଥା ୨୫.୮ ପ୍ରତିଶତ ଥିବାବେଳେ ତାମିଲନାଡୁରେ ୧୨ପ୍ରତିଶତ ରହିଛି। ସେହିପରି ବିହାରରେ ଜନ୍ମହାର ସର୍ବୋଚ୍ଚ ୨.୮ ଥିବା ସମୟରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସର୍ବନିମ୍ନ ୧.୨ ରହିଛି। ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଟିଏଫଆର ୧.୨ରହିଛି। ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଟିଏଫଆର ୨.୧ ରିପ୍ଲେସମେଂଟ ଲେବଲ ତଳେ ରହିଛି। ଦିଲ୍ଲୀ, ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ରରେ ଟିଏଫଆର ୨.୦ ତଳେ ଥିବାବେଳେ ଉତରଭାରତୀୟ ରାଜ୍ୟ ବିହାର, ଉତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆଦିବାସୀ ବହୁଳ ରାଜ୍ୟ ଛତିଶଗଡର ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟିଏଫଆର ୨.୧ ତଳକୁ ଖସିଲେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି କରେ ଏସଆରଏସ ତଥ୍ୟ ସୂଚନା ପ୍ରଦାନ କରିଛି ଯେ, ଦେଶରେ ୬୦ବର୍ଷ କିମ୍ବା ତଦ୍ଧ୍ୱର୍ଦ୍ଧ ବୟସ୍କ ବୁଢ଼ା ଲୋକଙ୍କ ସଂଖ୍ୟା ବାର୍ଷିକ ୦.୭ ପ୍ରତିଶତରୁ ୯.୭ ପ୍ରତିଶତକୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୫ପ୍ରତିଶତ ବୟସ୍କ ଥିବା ରିପୋର୍ଟରେ କୁହାଯାଇଥିବାବେଳେ ଦିଲ୍ଲୀ, ଆସାମ ଏବଂ ଝାଡଖଣ୍ଡରେ ବୟସ୍କଙ୍କ ହାର କମ୍ ରହିଛି। ବିଶ୍ୱର ସର୍ବବୃତ ଜନବହୁଳ ରାଷ୍ଟ୍ର ଭାରତରେ ଲୋକସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଥିବାବେଳେ ସେହି ଅନୁପାତରେ ବୁଢ଼ା ଲୋକଙ୍କ ସଂଖ୍ୟା ବଢ଼ିଛି। ଏହା ନିସନ୍ଦେହ ଯେ, ଯେକୌଣସି ରାଷ୍ଟ୍ରର ବିକାଶ କେବଳ ଯୁବଶକ୍ତି ସମ୍ବଳ ଉପରେ ନିର୍ଭର କରିଥାଏ। କିନ୍ତୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତି, ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ଅତୀତରେ ଚୀନ ଏକ ସନ୍ତାନ ନୀତି ଆପଣାଇଥିବା ଯୋଗୁଁ ଏବେ ସେ ଦେଶ ଉପରେ ବୟସ୍କ ବୋଝ ପଡ଼ିଛି। ଚୀନ ଏବେ ଦେଶରେ ବହୁ ସନ୍ତାନ ନୀତିକୁ ବାଧ୍ୟତାମୂଳକ କରିବା ସହ ବହୁ ପ୍ରୋତ୍ସାହନ ମଧ୍ୟ ଦେଉଛି। ଦେଶରେ ଜନସଂଖ୍ୟା ବୃଦ୍ଧି ପାଇଁ ଭାରତକୁ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରି କରିବାର ସମୟ ଏବେ ଆସିଛି। ଦକ୍ଷିଣ ଭାରତର କେତେକ ରାଜ୍ୟ ବହୁ ସନ୍ତାନ ଜନ୍ମ ପାଇଁ ଆହ୍ୱାନ ଦେଇସାରିଲେଣି। ଜନ୍ମହାର ବୃଦ୍ଧି କ୍ଷେତ୍ରରେ ଥିବା ପ୍ରତିବନ୍ଧକ ତୁରନ୍ତ ହଟାଇବା ଆବଶ୍ୟକ। ଅନ୍ୟଥା ଭାରତ ବୟସ୍କଙ୍କ ଦେଶରେ ପରିଣତ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

## 'ଯା ଦେବୀ ସର୍ବଭୂତେଷୁ କ୍ଷୁଧା ରୂପେଣ ସଂସ୍ଥିତା'
## ନବଧାଭକ୍ତି ଓ ନବରାତ୍ର ଚେତନା

**ସୌର ଚନ୍ଦ୍ର ମହାପାତ୍ର**

ଜଗତ୍‌ଜନନୀ ମା'ଦୁର୍ଗା। ସେ ଶକ୍ତି ସ୍ୱରୂପା, ମାତୃସ୍ୱରୂପା। ଦୁଷ୍ଟ ଶକ୍ତିର ବିନାଶ ପାଇଁ ଯୁଗେ ଯୁଗେ ସେ ଅବିର୍ଭୂତା। ଏବେ ଧରାବତରଣ କରିଛନ୍ତି ମହାମାୟୀ ମା'। ତାଙ୍କ ଆଗମନରେ ପ୍ରକୃତି ହୋଇଉଠିଛି ଶାନ୍ତ, ସୌମ୍ୟ, ନିର୍ମଳ। ବିଛାଇ ହୋଇଛି କାଶତଣ୍ଡୀର ଶ୍ୱେତବର୍ଣ୍ଣ ଗାଲିଚା। ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ଠାରୁ ସହର। ସବୁଠି ଖେଳି ଯାଇଛି ପାର୍ବଣର ଅପୂର୍ବ ଦିବ୍ୟ ପରିବେଶ। ଅଭୟଦାୟିନୀ, ଶକ୍ତି ସ୍ୱରୂପିଣୀ, ଜଗତଜନନୀ ମା' ଆସିଛନ୍ତି ଭକ୍ତଙ୍କୁ ଆଶିଷ ଦେବା ପାଇଁ। ସପ୍ତଶତୀ ଚଣ୍ଡୀପାଠ, ଧୂପ, ଦୀପ, ଘଣ୍ଟଘଣ୍ଟା ନାଦରେ ପ୍ରକମ୍ପିତ ହୋଇଉଠୁଛି ଗଗନପବନ। ମା'ସଂହାର କରିବେ ମହିଷାସୁର ରୂପା ସଂସାରର ସମସ୍ତ ପାପାଚାରକୁ। ଅଧର୍ମ ଉପରେ ଧର୍ମର ଜୟ ଅସତ୍ୟ ଉପରେ ସତ୍ୟର ଜୟ ପାଇଁ ମା'ଙ୍କ ଆବିର୍ଭାବ। ମା' ଆଦ୍ୟାଶକ୍ତିଙ୍କୁ ଉପାସନା କରିବାର ଧାରା ଓଡ଼ିଶାରେ କାହିଁ କେଉଁ କାଳରୁ ପ୍ରଚଳିତ। ସରଳ ଗ୍ରାମ୍ୟ ମଣିଷଟିଏ ହେଉ ବା ତନ୍ତ ସାଧନାରେ ନିମଗ୍ନ ସାଧକଟିଏ, ଶକ୍ତିଙ୍କ ବିନା କିଛି ସାଧ ହୋଇପାରେନାହିଁ। ଶକ୍ତି ବିନା ଶିବ ଅସମ୍ପୂର୍ଣ୍ଣ। ଶିବଙ୍କ ତ୍ରିଶୂଳ, ଶ୍ରୀବିଷ୍ଣୁଙ୍କ ସୁଦର୍ଶନ ଚକ୍ର ମଧ୍ୟ ଶକ୍ତି ସ୍ୱରୂପା। ପ୍ରକୃତିକୁ ଆଦ୍ୟାଶକ୍ତି ମନେକରି ପଥରଟିକୁ ଦେବୀର ଆଖ୍ୟା ଦିଅନ୍ତି ଜନଜାତି। ଗାଁ ଚାଲିଚଳଣିରେ ସବୁ ଦୁଃଖସୁଖ ଓ ହାନିଲାଭର ସାକ୍ଷୀ ରହିଥାନ୍ତି ଗ୍ରାମଦେବତା। ସହରୀ ସଂସ୍କୃତିରେ ମା'ଶକ୍ତିଙ୍କ ଆରାଧନା ପାଇଁ ନିର୍ମିତ ହୋଇଛି ଅନେକ ମନ୍ଦିର।

ଶ୍ରୀଦୁର୍ଗା ହିଁ ସ୍ୱୟଂ ସର୍ବଶକ୍ତି ସ୍ୱରୂପିଣୀ। ସେ ଆଦ୍ୟାଶକ୍ତି, ମହାମାୟା। ସେ ମହାଶୂନ୍ୟା, ବ୍ରହ୍ମମୟୀ, ଚିନ୍ମୟୀ। ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି ତ୍ରିଶକ୍ତିର ଆଧାର ସେ । ଦୁର୍ଗା ହେଉଛନ୍ତି ସମଗ୍ର ମାନବୀୟ ଓ ଅମାନବୀୟ ଶକ୍ତିର ଚରମ ନିର୍ଯାସ। ଅପୂର୍ବ ଓ ଅନୁଭୂତ ସମନ୍ୱୟ। ନାରୀ ଜାତିର ସମସ୍ତ ଗୁଣ, ଶକ୍ତି, ସାହାସ, କ୍ଷମା, ସମ୍ମାନ ଓ ସୌନ୍ଦର୍ଯ୍ୟର ପ୍ରତୀକ ହେଉଛନ୍ତି ଦେବୀ ଦୁର୍ଗା। ମା'ଦୁର୍ଗାଙ୍କର ନଅଟି ସ୍ୱରୂପ ରହିଛି । ସେମିତି ଭକ୍ତି ମଧ୍ୟ ନ ପ୍ରକାରର । ଏହାକୁ ନବଧା ଭକ୍ତି କୁହାଯାଏ । ଏହି ନ'ପ୍ରକାର ଭକ୍ତି ମଧ୍ୟରୁ ଭକ୍ତକୁ ଯେଉଁ ମାର୍ଗ ସୁବିଧାଜନକ ମନେହୁଏ ସେ ତାହା ଅନୁସରଣ କରିପାରନ୍ତି । ବେଦ ଓ ଗୀତାରେ ନବଧା ଭକ୍ତିର ଉଲ୍ଲେଖ ରହିଛି । ଆଧ୍ୟାତ୍ମ ରାମାୟଣରେ ନବଧା ଭକ୍ତିର ରୂପ କିଛି ଭିନ୍ନ । ଏହି ପୁରାଣ ଅନୁଯାୟୀ ଭକ୍ତିର ନ'ଟି ମାର୍ଗ ଯଥା ସତ୍‌ସଙ୍ଗ, ଭଗବତ୍ ଆଲୋଚନା, ପୁରାଣ ବ୍ୟାଖ୍ୟା, ଭଗବତ କଥା ବ୍ୟାଖ୍ୟା, ଗୁରୁସେବା, ପବିତ୍ର ସ୍ୱଭାବ, ମନ୍ତ୍ରୋପାସନା, ସଜ୍ଜନ ଶ୍ରଦ୍ଧା, ବୈରାଗ୍ୟ ଏବଂ ତପ । ବିଶ୍ୱାସ କରାଯାଏ ବୈଷ୍ଣବମାନେ ଏହି ମାର୍ଗର ବିକାଶ କରିଥିଲେ । ପରେ ଅନ୍ୟମାନେ ଏହାକୁ ଅନୁକରଣ କରିଥିଲେ । ଗୀତାରେ ବର୍ଣ୍ଣନା କରାଯାଇଥିବା ଭକ୍ତିର ନଅଟି ପଦ୍ଧତି ହେଉଛି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମ ନିବେଦନ ।

ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିଙ୍କୁ ନ ରୂପରେ ଉପାସନା କରାଯାଏ । ରାତ୍ରି ଶବ୍ଦ ସିଦ୍ଧିର ପ୍ରତୀକ । ଭାରତରେ ପ୍ରାଚୀନ ମୁନିଋଷିମାନେ ପର୍ବ ଓ ଉପାସନାରେ ଦିନ ଅପେକ୍ଷା ରାତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଦୀପାବଳୀ, ହୋଲିକା ଦହନ, ଶିବରାତ୍ରୀ ଓ ନବରାତ୍ରୀ ପରି ଉତ୍ସବ ରାତିରେ ହିଁ ପାଳିତ ହୁଏ । ରାତିର ବିଶେଷ ମହତ୍ୱ ନଥିଲେ ଏସବୁ ଉତ୍ସବ ଦିନରେ ହିଁ ପାଳିତ ହେଉଥାନ୍ତି । ମନୀଷୀମାନେ ବର୍ଷରେ ଦୁଇଥର ନବରାତ୍ରୀ ପାଳନର ବିଧାନ ରଖିଛନ୍ତି । ବିକ୍ରମ ସମ୍ବତ୍ସରର ପ୍ରଥମ ଦିନ ଅର୍ଥାତ୍ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦ ଠାରୁ ନଅ ଦିନ ଅର୍ଥାତ୍ ନବମୀ ପର୍ଯ୍ୟନ୍ତ ଏବଂ ଏହାର ଠିକ୍ ଛଅମାସ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାରୁ ମହାନବମୀ ଅର୍ଥାତ୍ ବିଜୟାଦଶମୀର ଏକଦିନ ପୂର୍ବ ପର୍ଯ୍ୟନ୍ତ । ତେବେ ସିଦ୍ଧି ଓ ସାଧନା ଦୃଷ୍ଟିରୁ ଶାରଦୀୟ ନବରାତ୍ର ଅଧିକ ମହତ୍ୱପୂର୍ଣ୍ଣ । ନଅଦିନ ପୂଜାରେ ମା'ଦୁର୍ଗାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପୂଜା କରାଯାଏ । ଏହି ନବରାତ୍ରରେ ଲୋକମାନେ ନିଜ ନିଜର ଆଧ୍ୟାତ୍ମିକ ଓ ମାନସିକ ଶକ୍ତି ସଞ୍ଚୟ କରିବା ପାଇଁ ବିଭିନ୍ନ ପ୍ରକାର ବ୍ରତ, ନିୟମ, ସଂଯମ, ଯଜ୍ଞ, ଭଜନ, ପୂଜନ, ଯୋଗ ସାଧନା ଆଦି କରନ୍ତି । କିଛି ସାଧକ ଏହି ରାତ୍ରିରେ ପଦ୍ମାସନ ବା ସିଦ୍ଧାସନରେ ବସି ବୀଜମନ୍ତ୍ର ଜପ କରନ୍ତି ।

ଭାରତର ୫୧ଟି ବଡ଼ ଶକ୍ତିପୀଠରେ ଖୁବ୍ ବିଧିବିଧାନ ଏବଂ ଉତ୍ସାହର ସହ ନବରାତ୍ର ପୂଜା କରାଯାଏ । ଯେଉଁମାନେ ଏସବୁ ପୀଠକୁ ଯାଇପାରନ୍ତି ନାହିଁ ସେମାନେ ନିଜ ଘରେ ଶକ୍ତିଙ୍କୁ ଉପାସନା କରନ୍ତି । ମନୀଷୀମାନେ ରାତିର ମହତ୍ତ୍ୱକୁ ଅତ୍ୟନ୍ତ ସୂକ୍ଷ୍ମତାର ସହ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିବାକୁ ଓ ବୁଝାଇବାକୁ ଚେଷ୍ଟା କରିଛନ୍ତି । ରାତିରେ ପ୍ରକୃତିରେ ଅନେକ ଅବରୋଧ ଶେଷ ହୋଇଯାଏ । ଆଧୁନିକ ବିଜ୍ଞାନ ମଧ୍ୟ ଏଥିସହ ସହମତ । ଆମ ମୁନିଋଷିମାନେ ଆଜିଠାରୁ କେତେ ହଜାର ବର୍ଷ ପୂର୍ବରୁ ପ୍ରକୃତିର ଏହି ବୈଜ୍ଞାନିକ ରହସ୍ୟକୁ ବୁଝିସାରିଥିଲେ । ଦିନରେ କୌଣସି ଶବ୍ଦ ସୃଷ୍ଟି କଲେ ଏହା ଅଧିକ ଦୂର ପର୍ଯ୍ୟନ୍ତ ଯାଏନାହିଁ । କିନ୍ତୁ ରାତିରେ ଶବ୍ଦ କଲେ ଏହା ଅଧିକ ଦୂର ଯାଏ । ଏହା ପଛରେ ଦିନର କୋଳାହଳ ବ୍ୟତୀତ ଅନ୍ୟ ଏକ ବୈଜ୍ଞାନିକ ତଥ୍ୟ ମଧ୍ୟ ରହିଛି । ଦିନରେ ସୂର୍ଯ୍ୟକିରଣ ଶବ୍ଦ ତରଙ୍ଗ ଓ ରେଡ଼ିଓ ତରଙ୍ଗକୁ ଆଗକୁ ଯିବାକୁ ରୋକେ । ରେଡ଼ିଓ ଏହି ତଥ୍ୟର ଜୀବନ୍ତ ଉଦାହରଣ । କମ୍ ଶକ୍ତି ବିଶିଷ୍ଟ ରେଡ଼ିଓ ଷ୍ଟେସନ ଦିନରେ ଧରେନି, କିନ୍ତୁ ସୂର୍ଯ୍ୟାସ୍ତ ପରେ ଖୁବ୍ ଛୋଟ ଛୋଟ ରେଡ଼ିଓ ଷ୍ଟେସନ ମଧ୍ୟ ସହଜରେ ଧରେ । ବୈଜ୍ଞାନିକ ସିଦ୍ଧାନ୍ତ ଅନୁଯାୟୀ ସୂର୍ଯ୍ୟକିରଣ ଦିନରେ ରେଡ଼ିଓ ତରଙ୍ଗକୁ ରୋକେ । ମନୀଷୀମାନେ କୁହନ୍ତି ଠିକ୍ ସେମିତି ମନ୍ତ୍ର ଓ ଉପାସନାର ତରଙ୍ଗ ଉପରେ ଦିନରେ ଅବରୋଧ ସୃଷ୍ଟି ହୁଏ । ତେଣୁ ପୂଜା, ଯୋଗ, ଜପ ଆଦିରେ ଦିନ ଅପେକ୍ଷା ରାତ୍ରି ଅଧିକ ଗୁରୁତ୍ୱପୂର୍ଣ୍ଣ । ମନ୍ଦିରରେ ଘଣ୍ଟା ଓ ଶଙ୍ଖର ସ୍ୱର କମ୍ପନରେ ଦୂରଦୂରାନ୍ତ ପର୍ଯ୍ୟନ୍ତ ବାତାବରଣ କୀଟାଣୁ ରହିତ କରିଦିଏ । ଏହ ରାତିରେ ବୈଜ୍ଞାନିକ ରହସ୍ୟ । ଏହି ବୈଜ୍ଞାନିକ ତଥ୍ୟକୁ ଧ୍ୟାନରେ ରଖି ସାଧକମାନେ ରାତିରେ ସଂକଳ୍ପ ଓ ଉଚ୍ଚ ଚିନ୍ତାଧାରା ସହ ନିଜ ସାଧନା ତରଙ୍ଗକୁ ବାୟୁମଣ୍ଡଳକୁ ପଠାନ୍ତି ।

'ଯା ଦେବୀ ସର୍ବଭୂତେଷୁ କ୍ଷୁଧା ରୂପେଣ ସଂସ୍ଥିତା'। ଏହି ସ୍ଥୂଳ ଶରୀରକୁ ମା' ଆମ୍ଭ ମାନଙ୍କୁ ପ୍ରଦାନ କରିଅଛି। ଏହାର ସୁରକ୍ଷା ମା' ସର୍ବଦା ଇଚ୍ଛା କରେ। ସେଥିପାଇଁ ମା'କ୍ଷୁଧା ରୂପରେ ଆମ୍ଭ ପାଖରେ ସର୍ବଦା ଠିକ ସମୟରେ ଆବିର୍ଭାବ ହୁଏ, ଯାହା ଫଳରେ ଆମ୍ଭର ଏ ଶରୀର ରକ୍ଷା ହୋଇଥାଏ। 'ଯା ଦେବୀ ସର୍ବ ଭୂତେଷୁ ଛାୟା ରୂପେଣ ସଂସ୍ଥିତା।' ମା'ର ଆମ୍ଭେମାନେ ଏତେ ପ୍ରିୟ ଯେ ସେ ଆମ୍ଭ ମାନଙ୍କୁ କ୍ଷଣେ ମାତ୍ର ଛାଡ଼ି ରହିପାରେ ନାହିଁ। ସେ ଆମ୍ଭ ସହିତ ସଦାସର୍ବଦା ଛାୟା ରୂପରେ ରହିଥାଏ। 'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା।' ଆମ୍ଭେମାନେ ଯେଉଁସବୁ କାର୍ଯ୍ୟ କରୁ ଛୋଟ ହେଉ ବା ବଡ଼ ହେଉ, ମା'ଶକ୍ତି ରୂପରେ ଆମ୍ଭ ଭିତରେ ରହି ସମ୍ପୂର୍ଣ୍ଣ କରିବା ପାଇଁ ସହାୟତା କରିଥାଏ। ଏହିପରି କଲ୍ୟାଣମୟୀ ମା'ଭଗବତୀ ଅହର୍ନିଶ ଆମ୍ଭର ହିତ ସାଧନ ପାଇଁ ତତ୍ପର ହୋଇ ରହିଥାଏ। ମାତା ହିଁ ସଂସାରରେ ଅଧିକ ପୂଜ୍ୟା। ଭଗବାନ ବିଷ୍ଣୁ ଓ ଭଗବତୀ ଦୁର୍ଗା ପରସ୍ପର ପରିପୂରକ। ଭଗବତୀଙ୍କ କୃପା ଲାଭ କଲେ ଭଗବାନ ପ୍ରାପ୍ତ ହୋଇଥାନ୍ତି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଇମେଲ : soura999mohapatra@gmail.com

## କବି କଣ୍ଠେ ଶ୍ରୀଜଗନ୍ନାଥ 'ନାମ ଜଗନ୍ନାଥ ଶ୍ରୀମୁଖ କଳା'

**ପୁଷ୍ପମିତ୍ର ମହାପାତ୍ର**

ଭକ୍ତ ହୋଇଥିବାରୁ ନୀଳାଚଳପତି ପରମବ୍ରହ୍ମ ଜଗନ୍ନାଥଙ୍କୁ ସ୍ତୁତି କରି ଅତି ସୁନ୍ଦର ଭାବେ ଲେଖିଛନ୍ତି 'ନୀଳାଦ୍ରିନାଥ ଚରଣ ଯୁଗ ପଙ୍କଜ ମନେଧ୍ୟାୟୀ, ନୃପତି ଧନଞ୍ଜୟ ଭଞ୍ଜର ମନ ଷଟପଦ ହୋଇ।' ତେବେ ସବୁଠାରୁ ହୃଦୟସ୍ପର୍ଶୀ ଭଜନ ଓ ଜଣାଣ ଗୁଡ଼ିକ ଥିଲା 'ଯବନ ଭକ୍ତ' ଶୋଳକ୍ଷ ସାତ ଖ୍ରୀଷ୍ଟାବ୍ଦର ସାଲବେଗଙ୍କର। ତାଙ୍କର ପ୍ରମୁଖ ହୃଦୟସ୍ପର୍ଶୀ ଭଜନ ଗୁଡ଼ିକ ଯାହା ଏବେ ବି ଭକ୍ତଜନଙ୍କୁ ଭାବତଲ୍ଲୀନ କରିପାରୁଛି ସେଗୁଡ଼ିକ ହେଲା 'ଆହେ ନୀଳ ଶଇଳ ପ୍ରବଳମତ୍ତ ବାରଣ', 'ଆହେ ନୀଳଗିରି ବାଛି କେ ନାମ ଦେଲା ଦୟାନିଧି', 'ଜଗବନ୍ଧୁ ହେ କେଣିକି ଯାଉଛ', 'ଆହେ ନୀଳାଚଳବାସୀ', 'କାଳିଆଧନ', 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ', 'ଚାଲସଖି ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ', 'ଯେବେ ଶ୍ୟାମଘନ ନବ ବଂଶୀ ସ୍ୱନ ନିଶିଥରେ ଥରେ ଶୁଣାଯିବ', 'ଏକା ତୋ ଭକତ ଜୀବନ', 'ଜଗବନ୍ଧୁ ହେ ଗୋସାଇଁ', 'ଦୀନବନ୍ଧୁ ହୋ ତୁମ୍ଭେ ଡାକିଲେ ନ ଶୁଣ କାହିଁକି ?', 'ବିଜେ କରିଅଛ ନୀଳଗିରି', 'ଶ୍ରୀପୁରୁଷୋତ୍ତମ ଯିବା ମନ', 'ହେ ଚକାଡୋଳା ଚାହୁଁ ଚାହୁଁ ବୁଡ଼ିଲା ମୋ ଭେଳା' ଓ 'ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ'।

ମହାପ୍ରଭୁ ଜଗନ୍ନାଥ ଏକ ଅପୂର୍ବ ସମନ୍ୱୟ ଓ ସଂହତିର ସିନ୍ଧୁ। ମତ, ପଥ, ସିଦ୍ଧାନ୍ତର କେତେ ଯେ ବିନ୍ଦୁ ସେଥିରେ ରହିଛି ତାର କଳନା କରିବ କିଏ ? ରାଜା ଦିବ୍ୟସିଂହ ଦେବଙ୍କ ଶାସନ କାଳ ଅର୍ଥାତ୍ ୧୬୮୬ରୁ ୧୭୧୩ ପର୍ଯ୍ୟନ୍ତ ତାଙ୍କର ସମସାମୟିକ ଥିବା ଭକ୍ତ କବି ଦୀନକୃଷ୍ଣ ଜଗନ୍ନାଥଙ୍କୁ ଅବତାରୀ ପୁରୁଷ ଭାବେ ତାଙ୍କ 'ରସକଲ୍ଲୋଳ'ର ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି 'କଚ୍ଛପ ମତ୍ସାଦି ଅବତାର ଯେତେକ, କରିବାକୁ ଜାତ ଜଗନ୍ନାଥଜନକ'। ଜଗନ୍ନାଥଙ୍କର ଅନ୍ୟ ନାମ ପୁରୁଷୋତ୍ତମ ଅର୍ଥାତ୍ ସୃଷ୍ଟିର ଆତଯାତ ମୂଳରେ ଯେଉଁ କ୍ଷର ଓ ଅକ୍ଷର ଦୁଇ ପୁରୁଷ ରହିଛନ୍ତି ସେ ଉଭୟଙ୍କର ଅତୀତ ଓ ଉର୍ଦ୍ଧ୍ୱରେ ରହିଛନ୍ତି ପୁରୁଷୋତ୍ତମ। କବି ଦୀନକୃଷ୍ଣ ଦାସ ପୁରୁଷୋତ୍ତମଙ୍କ ନିତ୍ୟସ୍ଥଳୀରେ ଅବସ୍ଥାନ କରିବା ପରେ ସର୍ବପ୍ରଥମେ ତାଙ୍କ 'ନାମରତ୍ନ' ଗୀତାର ପ୍ରଥମ ଅଧ୍ୟାୟରେ ଲେଖିଛନ୍ତି 'ନବମ ଅବତାର ଯେ ବଉଦରୂପ ଧରି, ମାତାଙ୍କର ନାମ ଯେ କରୁଣାବତୀ ନାରୀ। କ୍ଷେତ୍ରବଟର କଟକ ଯେ ନୀଳଗିରି ହୋଇ, ଦାରୁରୂପେ ବିଜେ ପୁରୁଷୋତ୍ତମ ଯାଇ।' ମାଦଳା ପାଞ୍ଜିର ତଥ୍ୟ ଓ ପୁରୁଖା ପୁରୀର ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ଠାରୁ ମିଳିଥିବା ତଥ୍ୟ ମୁତାବକ କବି ଦୀନକୃଷ୍ଣ କୃଷ୍ଟ ବ୍ୟାଧି ଯନ୍ତ୍ରଣାରେ ପୀଡ଼ିତ ଥିଲେ। ମହାପ୍ରଭୁଙ୍କ ଉପରେ ଗଭୀର ବିଶ୍ୱାସ ରଖି ତାଙ୍କ ଶ୍ରୀମନ୍ଦିର ସାମ୍ନାରେ ଥିବା ଅରୁଣ ସ୍ତମ୍ଭ ପାଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇ ହାତ ଟେକି ନିଜକୁ ରୋଗମୁକ୍ତ କରିବା ପାଇଁ ନିଜ ଆତ୍ମାକୁ ମହାପ୍ରଭୁଙ୍କ ପାଦପଦ୍ମରେ ଅର୍ପଣ ପୂର୍ବକ ଯେଉଁ ଆକୁଳ ଆବେଦନ ଓ କରୁଣ କାକୁତି ପ୍ରକାଶ କରିଛନ୍ତି ତାହା ତାଙ୍କ 'ଆର୍ତ୍ତତ୍ରାଣ ଚଉତିଶା'ରେ ଉଲ୍ଲେଖ ରହିଛି। ଏହାର 'ଚଉତିଶା ମଧୁଚକ୍ର' ଦ୍ୱିତୀୟ ଖଣ୍ଡ ପୃଷ୍ଠା-୧୬ରେ ସେ ଉଲ୍ଲେଖ କରିଛନ୍ତି 'ସେବକ ହୋଇ କରି ପ୍ରଭୁ କୋପକୁ ଡରି, ଯେବେ ଭରସି ନ କହିବ, ଶୁଣ ମହିମା ମେରୁ ଏ ଦୁଃଖ ଜଳଧିରୁ। କେମନ୍ତ ପ୍ରକାରେ ତରିବି ହେ ମହାପ୍ରଭୁ।'

୧୬୨୫ ଖ୍ରୀଷ୍ଟାବ୍ଦର ମହାପ୍ରଭୁଙ୍କ ପରମ ଭକ୍ତ ବାଲୁଗାଁର ଦାସିଆ ତାଙ୍କ ଭକ୍ତି ସମର୍ପଣ ପୂର୍ବକ ଦୁଇଟି ପୁସ୍ତକ ରଚନା କରିଛନ୍ତି। ସେଗୁଡ଼ିକ ହେଉଛି 'ଆଗତ ଭବିଷ୍ୟତ ମାଳିକା' ଓ 'ଭକ୍ତ ମାଳିକା'। ୧୬୭୦ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ 'ଛାନ୍ଦ ଭୂଷଣ'ର ଚତୁର୍ଥ ଖଣ୍ଡରେ ଉଲ୍ଲେଖ କରିଛନ୍ତି 'କମ୍ବୁ କଟକରେ ଯେହୁ ଦାରୁରୂପ ଧାରୀ, କାଳେ କାଳେ ଶ୍ୱେତ ମଧେ ସେ ବିହରି।' କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ଯଥାର୍ଥରେ ମହିମାମୟ ପୁରୁଷୋତ୍ତମ ଭାବରେ ଚିତ୍ରଣ କରି ଉଲ୍ଲେଖ କରିଛନ୍ତି 'ସୁଭଦ୍ରା ପରିଣୟ' କାବ୍ୟରେ ତାଙ୍କର ଲୋକପ୍ରିୟ କାବ୍ୟ 'ଲାବଣ୍ୟ ବତୀ', 'ପ୍ରେମସୁଧା ନିଧି', 'ବୈଦେହିଶ ବିଳାସ', 'ରସଲେଖା', 'କଳା କୌତୁକ' ଓ 'ନୀଳାଦ୍ରିଶ ଚୌତୁଶା' ପ୍ରମୁଖ କାବ୍ୟ ଗ୍ରନ୍ଥରେ ମହାପ୍ରଭୁଙ୍କ କୃପା ଓ ତାଙ୍କ ସଂସ୍କୃତି ତଥା ସାମ୍ୟ, ମୈତ୍ରୀ, କରୁଣା, ସଂହତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୧୭୩୭ ଖ୍ରୀଷ୍ଟାବ୍ଦର ଋଷିକୂଲ୍ୟା ତଟରେ ଏକ ପ୍ରକାର ଗୃହୀ ସନ୍ଥ ଓ ସାଧକ ବିପ୍ର ପିତାମ୍ବର ଦାସ ତତ୍କାଳୀନ ରାଜ ବୀରକିଶୋର ଦେବଙ୍କ ସମସାମୟିକ ଥିଲେ। ସେ ବିଷ୍ଣୁରୂପୀ ନୃସିଂହ କଳିଯୁଗରେ ବୌଦ୍ଧ ରୂପରେ ନୀଳଗିରିରେ ପୂଜିତ ହେଉଛନ୍ତି ବୋଲି ତାଙ୍କ 'ନୃସିଂହ ପୁରାଣ'ରେ ଉଲ୍ଲେଖ କରିଛନ୍ତି। ତୃତୀୟ ରତ୍ନାକର ପୃଷ୍ଠା - ୨୦୬ରେ ଉଲ୍ଲେଖ ଅଛି 'ଯେ ଅଟଇ ଜଗନ୍ନାଥ ସେ ନୃସିଂହ ଅଟେ, ଜଗନ୍ନାଥ ହୃଦୁଜନ୍ମ ନୃସିଂହ ପ୍ରକଟେ। ତହିଁ ଉତ୍ତାରୁ ଯେ ଆମ୍ଭେ କଳିଯୁଗେ ଯାଇ, ବସିବୁ ନୀଳଗିରିରେ ବୌଦ୍ଧ ରୂପ ହୋଇ।'

ଅଷ୍ଟଦଶ ଶତାବ୍ଦୀର ସନ୍ଥ ସିଦ୍ଧ କବି ପର୍ଶୁରାମ ବିହାରୀ ଶ୍ରୀଜଗନ୍ନାଥ ସଂସ୍କୃତିରେ ସର୍ବ ସଂସ୍କୃତିର ସମନ୍ୱୟ ହୋଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଶାଶ୍ୱତ ନିର୍ବାଣର ଉତ୍ସ। ସେ ତାଙ୍କ 'ବ୍ରହ୍ମଜ୍ଞାନ' ଗୀତାରେ ଏହାର ଦ୍ୱିତୀୟ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି। ୧୬୯୨ ଖ୍ରୀଷ୍ଟାବ୍ଦରେ ମହାପ୍ରଭୁଙ୍କୁ ଅବତାରୀ ପୁରୁଷ ଓ ପୁରୀ ହିଁ ନିତ୍ୟ ବୈକୁଣ୍ଠ ଧାମ ବୋଲି ବର୍ଣ୍ଣନା କରିଛନ୍ତି ତାଙ୍କ 'ଜଗନ୍ନାଥ ଚରିତ୍ରାମୃତ'ରେ। ସେ ଉଲ୍ଲେଖ କରିଛନ୍ତି 'ଶ୍ରୀଟି ସିଦ୍ଧ କଳେବର, ସୁଦରଶନଟି ଓଁକାର।' ୧୭୩୦ରେ ପୁରୀରେ ଅବସ୍ଥାନ କରୁଥିବା କବି ବ୍ରଜନାଥ ବଡ଼ଜେନା 'ଗୁଣ୍ଡିଚା ବିଜେ' ରଚନା କରିଥିଲେ। ତାଙ୍କ ଏହି ପୁସ୍ତକଟି ହିନ୍ଦୀରେ ରଚନା ହୋଇଥିଲା ଏବଂ ବ୍ରଜନାଥ ଗ୍ରନ୍ଥାବଳୀର ପୃଷ୍ଠା - ୬୭୦ରେ ଉଲ୍ଲେଖ ଅଛି 'ନଂଦି ନିକେତନ ସ୍ପନ୍ଦନ କେପର ବୈଠତ ଜୋ ଜଗନ୍ନାଥ ହୈ ପ୍ୟାରେ ବାଦଲ କାଲ କଳାମ୍ବୁଜ କାନ୍ତି ସୁକାନ୍ତ କଲ ମୁଖ ରାଜତ୍ ଯାରେ।' ସେହିପରି ୧୭୩୬ରେ ଭକ୍ତ ରାମଦାସଙ୍କ 'ଦାର୍ଢ୍ୟତା ଭକ୍ତି' ପୁସ୍ତକଟି ମହାପ୍ରଭୁଙ୍କ ଲୀଳା ମହିମାରେ ପୂର୍ଣ୍ଣ ହୋଇଛି। ୧୭୩୫ରେ ରାଜକବି ପଦ୍ମନାଭ ଶ୍ରୀଚନ୍ଦନ 'ଶଶୀରେଖା' କାବ୍ୟର ପ୍ରଥମ ଛାନ୍ଦରେ ମହାପ୍ରଭୁଙ୍କ ବନ୍ଦନା କରିଛନ୍ତି। ୧୭୩୬ ଖ୍ରୀଷ୍ଟାବ୍ଦରେ କବି ବନମାଳୀ ଦାସ ଅତି ଭାବପୂର୍ଣ୍ଣ କାବ୍ୟଟି ରଚନା କରିଛନ୍ତି। ତାହା ଥିଲା 'ଶରଧା ବାଲିରୁ ହାତେ'। ମହାପ୍ରଭୁଙ୍କ ସ୍ତୁତି ବର୍ଣ୍ଣିତ କାବ୍ୟଟି ହେଉଛି ସପ୍ତଦଶ ଶତାବ୍ଦୀର କବି ବିଷ୍ଣୁ ଦାସଙ୍କ 'ପ୍ରେମ ଲୋଚନା'। ଭଗବାନଙ୍କୁ ସମର୍ପଣ କରି ଜୀବନ ମୁକ୍ତି ପାଇଁ ଅଷ୍ଟାଦଶ ଶତାବ୍ଦୀର କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ରଚନା କରିଛନ୍ତି 'ଗଜଉଦ୍ଧାରଣ', 'ଦ୍ରୌପଦୀ ଲଜ୍ଜ୍ୟା ନିବାରଣ' ପ୍ରମୁଖ। ୧୭୪୩ରେ ଭକ୍ତକବି ଭକ୍ତ ଚରଣ ଦାସ ତାଙ୍କର 'ମଥୁରା ମଙ୍ଗଳ' କାବ୍ୟର ଗୁଣ୍ଡିଚା ବିଜେ ସମ୍ପର୍କରେ ଅତି ଚମତ୍କାର ଲେଖାଟି ଲେଖି ଯାଇଛନ୍ତି ତାହାଥିଲା 'କିଅବା ଗୁଣ୍ଡିଚା ବିଜେ କଲେ ଜଗନ୍ନାଥ'। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ୧୭୫୭ରେ ତାଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ତ୍ରିଚତ୍ୱାରିଂଶ ଛନ୍ଦ ପୃଷ୍ଠା-୧୫୧ରେ ଉଲ୍ଲେଖ କରିଛନ୍ତି 'କୃଷ୍ଣ ଜଗନ୍ନାଥ ପ୍ରେମପଥ ସ୍ୱାର୍ଥ ଅନୁରଥ ଯାତ୍ରା ବିବର୍ଦ୍ଧିନୀ, ଗୋବିନ୍ଦ ଉଜ୍ଜଳ ସୁଖାନନ୍ଦସ୍ଥଳ କମଳ ସଙ୍କୁଳ ସୁବାସିନୀ।'

ଛୁଆଁଛୁତି, ଭେଦଭାବ, ରଙ୍ଗ ଓ ଅର୍ଥ ତଥା ଜାତି-ଅଜାତି ଭାବନା ଠାରୁ ଢ଼େର ଉର୍ଦ୍ଧ୍ୱରେ ଥିବା ୧୭୭୨ ଖ୍ରୀଷ୍ଟାବ୍ଦର ଭକ୍ତକବି ହାଡ଼ିଦାସ ଶ୍ରୀକ୍ଷେତ୍ରର ଗୌରବ ଓ ମହାପ୍ରଭୁଙ୍କ ତତ୍ତ୍ୱ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ତାଙ୍କ 'ଶଙ୍ଖନାଭି' ଗ୍ରନ୍ଥରେ। ଏହା ବ୍ୟତୀତ ତାଙ୍କର ଅନ୍ୟ ରଚନା ଦୁଇଟି ହେଉଛି 'ଶଙ୍ଖନାଭି ଭାଇରୋବ ସ୍ତୁତି', 'ଅନନ୍ତ ଗୋଇ'। ସେହିପରି ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଶତାୟୁ କବି କଳ୍ପଲତା ଜେନା ମହାପ୍ରଭୁଙ୍କ ଲୀଳା ବର୍ଣ୍ଣନା କରି ତାଙ୍କ 'ଜଗନ୍ନାଥ ଜଣାଣ'ର ଚତୁର୍ଥ ପଦରେ ଉଲ୍ଲେଖ କରିଛନ୍ତି 'ଜଗବନ୍ଧୁ ନାଥଙ୍କୁ ଯେ ମୁରୁଛି ନୁହଁଇ, ଯେଣିକି ଚାହିଁଲେ ତେଣେ ଶ୍ରୀମୁଖ ଦିଶଇ, ଧନ୍ୟ ତାଙ୍କ ଚକା ଆଖି ମନ ରହିଥାଏ ଲାଖି, ବାହୁ ଟେକିଛନ୍ତି ଦୁଃଖ ତାରିବା ପାଇଁ।' କବିସୂର୍ଯ୍ୟ ବଳଦେବ ରଥ ୧୭୭୯ରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ପୁସ୍ତକରେ ମହାପ୍ରଭୁଙ୍କ ଲୀଳା ବର୍ଣ୍ଣନା କରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର କବି ଚଣ୍ଡୀଦାସ 'ଜଗନ୍ନାଥ ଜଣାଣ' ରଚନା କରିଥିଲେ। ପୁରୀ ରାଜା ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ୧୭୭୯ରୁ ୧୭୯୮ ତାଙ୍କ ସମସାମୟିକ କୁହାଯାଉଥିବା 'ବିଚିତ୍ର ରାମାୟଣ'ର କବି ବିଶ୍ୱନାଥ ଖୁଣ୍ଟିଆ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା ଓ ନୀତିକାନ୍ତି ସମ୍ପର୍କରେ ତାଙ୍କ 'କବିକଣ୍ଠେ ଜଗନ୍ନାଥ'ର ପୃଷ୍ଠା - ୧୩୨ରେ ଉଲ୍ଲେଖ କରିଛନ୍ତି 'ଦ୍ୱାଦଶ ଯାତ୍ରାରୁ ତିନିଯାତ୍ରା ସାର, ଦୋଳସ୍ନାନ ଶ୍ରୀଗୁଣ୍ଡିଚା ସକଳ ଜୀବର ଅବଲୋକନରେ, ପାତକ ସମୂହ ମୁଞ୍ଚା।' ୧୭୮୧ରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ରଚନା କରିଥିଲେ 'ନୀଳାଦ୍ରି ବିହାରୀ ଚକାନୟନକୁ ଚାହିଁ ମନ'। ୧୮୦୦ ଖ୍ରୀଷ୍ଟାବ୍ଦରେ କବି ଆର୍ତ୍ତଦାସ ନୀଳାଦ୍ରି ବିହାରୀ ଜଗନ୍ନାଥଙ୍କୁ ପ୍ରାର୍ଥନା ପୂର୍ବକ ରଚନା କରିଥିଲେ 'ପୁରୁଷୋତ୍ତମ ଜଗନ୍ନାଥ'। ୧୮୧୪ରେ ଭକ୍ତକବି ଗୌର ଚରଣ ଅଧିକାରୀ ନୀଳଚକ୍ରର ପବିତ୍ର ପତିତପାବନ ବାନା ସମ୍ପର୍କରେ ବର୍ଣ୍ଣନା କରି ରଚନା କରିଥିଲେ 'ବଳିଆର ଭୁଜ'। ଉନ୍ନବିଂଶ ଶତାବ୍ଦୀର କବି ନିତ୍ୟାନନ୍ଦ ଦାସ ମହାପ୍ରଭୁଙ୍କ ମହିମାକୁ ନେଇ ସୃଷ୍ଟି କରିଥିଲେ 'ଭକ୍ତି ଗୀତିକା' ଓ 'ନୀଳାଦ୍ରି କେଶରୀ'। ୧୮୪୮ର କବିବର ରାଧାନାଥ ରାୟ ତାଙ୍କ ପ୍ରସିଦ୍ଧ 'ଚନ୍ଦ୍ରଭାଗା' କାବ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଓ ବିଭିନ୍ନ ଦେବାଦେବୀଙ୍କ ସମ୍ପର୍କରେ ଉଲ୍ଲେଖ ହୋଇଛି। ତାଙ୍କ 'ପାର୍ବତୀ' କାବ୍ୟରେ ନୀଳାଚଳ ଧାମର ଦୋଳ ଉତ୍ସବ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି। ସେହିପରି କବିବରଙ୍କ 'ଚିଲିକା' କାବ୍ୟରେ ମାଣିକ ଗଉଡୁଣୀଙ୍କ ଦହି ପିଇବା ଓ କାଞ୍ଚି ବିଜୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୧୮୫୩ରେ ଭକ୍ତକବି ମଧୁସୂଦନ ପୁଣ୍ୟ କ୍ଷେତ୍ର ଶ୍ରୀକ୍ଷେତ୍ରର ନୀଳାଦ୍ରି କନ୍ଦର ପ୍ରଭୁ ଜଗନ୍ନାଥଙ୍କ ଲୀଳା ମାହାତ୍ମ୍ୟ ସମ୍ପର୍କରେ ରଚନା କରିଛନ୍ତି। ୧୮୭୭ରେ ଉତ୍କଳମଣି ଗୋପବନ୍ଧୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନୀଳାଚଳ ଧାମ ସାମ୍ୟ, ମୈତ୍ରୀ ମନ୍ତ୍ରର ବାର୍ତ୍ତା ଦେବା ସହ ଏହି ପୁଣ୍ୟ ନୀଳାଚଳ ଧାମ ହେଉଛି ଆମ ଜୀବନ ଚେତନା ବୋଲି ଉଲ୍ଲେଖ କରିବା ସହ ସେ ତାଙ୍କ 'ଧର୍ମପଦ'ରେ ଉଲ୍ଲେଖ କରିଛନ୍ତି।

୧୮୮୨ର ରସିକ କବି ବୈଷ୍ଣବ ପାଣି ଏକ ହାସ୍ୟାତ୍ମକ ରଚନାରେ ଉଲ୍ଲେଖ କରିଛନ୍ତି 'ବଡ଼ଦେଉଳର ବଡ଼ ଗୋସାଇଁ ଯେଉଁଠୁ ମାଡ଼ ଖାଆନ୍ତି, ସେହି ମାନଙ୍କୁ ବର ଦିଅନ୍ତି'। ପୁନର୍ବାର ସେ ଲେଖିଛନ୍ତି 'ନୀଳାଚଳ ନାଥ ପଣ୍ଡା ରନ୍ଧାଭାତ, ଡାଲି ଏବଂ ଗଣ୍ଡା ଗଣ୍ଡା, ହଣ୍ଡା ହଣ୍ଡା କାକରା ଆରିସା ଖାଇ ନିଶ୍ଚିନ୍ତରେ ନୀଳାଚଳରେ ବିରାଜମାନ କରିଥାନ୍ତି।' ସେହି ଜଗବନ୍ଧୁଙ୍କୁ ପୁଣି ହାତୀ ମୁହଁ ଜାତି ଗୋତ୍ର ହୀନ ବୋଲି କହି ଭର୍ତ୍ସନା କରିବାକୁ ମଧ୍ୟ ଭୁଲି ନାହାଁନ୍ତି। ୧୮୯୮ରେ ଦିନବନ୍ଧୁ ଜଗନ୍ନାଥଙ୍କ ପାଖରେ ଶରଣ ପଶି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ତାଙ୍କ 'କାଳୀ ଚରଣଙ୍କ ଭଜନ' ପୃଷ୍ଠା-୩୫୯ରେ ଉଲ୍ଲେଖ କରିଛନ୍ତି ଆଜରେ ନବସାଜରେ ହେଉ ଜଗବନ୍ଧୁ ସଜରେ, ନନ୍ଦିଘୋଷ ରଥେ ବିଜେ ତେଜି ତୁଳି ଶେଯରେ। ଧନ ରତନମଣି, ନ ମାଗେ ଚିନ୍ତାମଣି, ତୋ ନା ଧରି ଜୀବ ଯାଉ, ହେ ମହାବାହୁ।' ଖ୍ରୀଷ୍ଟାବ୍ଦ ୧୯୧୨ରେ ରାଧାମୋହନ ଗଡ଼ନାୟକ 'ଶ୍ରୀୟା ଚଣ୍ଡାଲୁଣୀ' କବିତାରେ ମହାପ୍ରଭୁଙ୍କ ମହିମା ବର୍ଣ୍ଣନା କରି ସେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଉର୍ଦ୍ଧ୍ୱରେ ବୋଲି ଲେଖିଛନ୍ତି। ଏହା ବ୍ୟତୀତ ଅନେକ କବିଙ୍କ ସାରସ୍ୱତ ହୃଦୟ ସମର୍ପିତ ଭଜନ ମହାପ୍ରଭୁଙ୍କ ମାହାତ୍ମ୍ୟରେ ଦିବ୍ୟ ମହିମାନ୍ୱିତ ହୋଇଛି। ମହାପ୍ରଭୁଙ୍କ ଭାବ ଚେତନାକୁ କେନ୍ଦ୍ର କରି ଅନେକ କବି, ଭାବୁକ, ସାଧକ, ଆଧ୍ୟାତ୍ମିକପ୍ରେମୀ ମହାପ୍ରଭୁଙ୍କ ପ୍ରତି ନିଜ ଭକ୍ତିକୁ ସମର୍ପଣରେ ରୂପାୟିତ କରିଛନ୍ତି। ବିଶେଷକରି ସପ୍ତଦଶ ଶତାବ୍ଦୀ, ଅଷ୍ଟାଦଶ, ଉନ୍ନବିଂଶ ଓ ବିଂଶ ଶତାବ୍ଦୀରେ ଅଧିକରୁ ଅଧିକ ଜଣାଣ, ଆତ୍ମନିବେଦନ ଭରା ଭଜନ ଓ ଦିବ୍ୟ ମହିମାର ସୃଷ୍ଟି ତଥା ଗୁଣ କୀର୍ତ୍ତନ, ଅବତାରଙ୍କ ଲୀଳାର ସୃଷ୍ଟି ହୋଇଛି। ବର୍ତ୍ତମାନ ମଧ୍ୟ ଅନେକ କବି ଓ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପ୍ରତିଭକ୍ତି ନିବେଦନ ଭରା କବିତା ଓ ମହିମାଗାଥା ସୃଷ୍ଟି କରିଚାଲିଛନ୍ତି। ତେବେ ସର୍ବୋପରି କହିବାକୁଗଲେ ଓଡ଼ିଆ କାବ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ମହନୀୟତା ଯୁଗେ ଯୁଗେ ପ୍ରସାରିତ ହେଉଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,

## ମାଆ ଶାରଳା ଓ ନବରାତ୍ରୀ ପୂଜା

**ଡକ୍ଟର ତପନ କୁମାର ପାଳ**

ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ମଧ୍ୟରେ ଝଙ୍କଡ଼ର ଶାରଳା ଅନ୍ୟତମ। ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଠାକୁରାଣୀଙ୍କର ଏହି ଶାରଦୀୟ ପାର୍ବଣ ପୂଜା ଅନନ୍ୟ ଓ ଅସାଧାରଣ। ସପ୍ତସତୀ ଚଣ୍ଡୀରେ ଯେଉଁ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କର ବର୍ଣ୍ଣନା କରାଯାଇଛି, ଏହି ତ୍ରିଶକ୍ତିର ଏକ ଅପୂର୍ବ ସମାହାର ଓ ସମନ୍ୱୟ ହେଉଛନ୍ତି ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଶାରଳା ଠାକୁରାଣୀ। ମାଆ ଶାରଳାଙ୍କ ପୂଜା ଉପାସନାରେ ଏକ ସମୟରେ ତୁଳସୀ ଓ ବେଲପତ୍ର ଲାଗିଥାଏ। ମାଆ ଏକାଧାରରେ ପରମ ବୈଷ୍ଣବୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି।

ମା' ଶାରଳାଙ୍କ ସହିତ ଶୈବ ଧର୍ମ ଓ ବୈଷ୍ଣବ ଧର୍ମର ସଂପୃକ୍ତି ବହୁ କାଳରୁ ରହିଆସିଛି। ମା'ଶାରଳାଙ୍କର ପ୍ରତ୍ୟହ ମାର୍ଜନା ପରେ ସର୍ବ ପ୍ରଥମେ ମାଆଙ୍କୁ ଶୁଖିଲା ମହାପ୍ରସାଦ ଭୋଗ ଅର୍ପଣ କରାଯାଇଥାଏ। ପ୍ରତ୍ୟେକ କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସନ୍ଧ୍ୟାରେ ମାଆଙ୍କୁ ଶ୍ରୀଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଇଥାଏ। ଏଠାରେ ଚନ୍ଦନଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ। ପ୍ରାଚୀନ କାଳରୁ ମାଆ ଶାରଳାଙ୍କୁ ତନ୍ତ୍ର ସାଧନାର ଆରାଧ୍ୟ ଦେବୀ ଭାବରେ ଗ୍ରହଣ କରାଯାଇଛି। ଝଙ୍କଡ଼ର ଅଧିଷ୍ଠାତ୍ରୀ ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀ ଭାବେ ଗ୍ରହଣ କରାଯାଏ। ଏହି ମାଟିରେ ଜନ୍ମ ଗ୍ରହଣ କରି ପଞ୍ଚଦଶ ଶତାବ୍ଦୀର ମୂର୍ଖ ସିଦ୍ଧେଶ୍ୱର ପରିଡ଼ା ଦେବୀ ଶାରଳାଙ୍କ ଅପାର କରୁଣା ଲାଭ କରି ଓଡ଼ିଆ ଜାତିର ଜୀବନ୍ତ ଇତିହାସ ମହାଭାରତ ରଚନା କରିଥିଲେ। ସେ ଶୁଦ୍ରମୁନି ସାରଳା ଦାସ ଭାବେ ଖ୍ୟାତ। ଓଡ଼ିଶାର ପ୍ରସିଦ୍ଧ ତଥା ପ୍ରାଚୀନ ଶକ୍ତିପୀଠ ଝଙ୍କଡ଼ ସାରଳା ପୀଠରେ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥାଏ। (କ୍ରମଶଃ)



# ଓଡିଶାର ବିକାଶ ଅଗ୍ରାଧିକାର ସହିତ ସିଏସଆରକୁ ସମ୍ମିଳିତ କରିବାକୁ କର୍ପୋରେଟ୍ ସଂସ୍ଥାମାନଙ୍କୁ ଶିଳ୍ପମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨୪।୯ (ନି.ପ୍ର) : କନଫେଡେରେସନ୍ ଅଫ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଭୁବନେଶ୍ୱରର ଲାଇଫ୍ ହୋଟେଲରେ ଓଡିଶା ସିଏସଆର କନକ୍ଲେଭ ୨୦୨୫କୁ ସଫଳତାର ସହିତ ଆୟୋଜନ କରିଛି ଯେଉଁଥିରେ ଓଡିଶାର ସାମାଜିକ-ଅର୍ଥନୈତିକ ପରିବର୍ତନରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ର ଭୂମିକାକୁ ସଶକ୍ତ କରିବା ଉପରେ ଆଲୋଚନା କରିବା ପାଇଁ ବ୍ୟବସାୟୀ, ନୀତି ନିର୍ମାତା, ବିକାଶ ସହଯୋଗୀ ଏବଂ ସାମାଜିକ ସଂଗଠନଗୁଡିକ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମାନନୀୟ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କର୍ପୋରେଟ୍ କ୍ଷେତ୍ରକୁ ଆହ୍ୱାନ ଦେଇ କହିଥିଲେ ଯେ ସେମାନେ ନିଜର ସିଏସଆର ମଡେଲଗଡିକୁ ଶିଶୁ ଏବଂ ମହିଳା କଲ୍ୟାଣ, ଦକ୍ଷତା ବିକାଶ ଏବଂ ଡିଜିଟାଲ୍ ସମାବେଶ, ଆଦିବାସୀ ବିକାଶ, ସ୍ମାର୍ଟ କୃଷି, ସ୍ୱାସ୍ଥ୍ୟସେବା ଏବଂ ପୁଷ୍ଟିକର ଖାଦ୍ୟ ଆଦି ଉପରେ ଧ୍ୟାନ ଦେଉଥିବା ରାଜ୍ୟ ସରକାରୀ ପ୍ରକଳ୍ପଗୁଡିକ ସହିତ ସଂଯୋଗ କରନ୍ତୁ। କଳିଙ୍ଗ ନଗର, ଝାରସୁଗୁଡା ଏବଂ କେନ୍ଦୁଝର ଭଳି ଶିଳ୍ପ ହବଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମୌଳିକ ସୁବିଧା ଉନ୍ନୟନ ଉଦ୍ୟମଗୁଡିକୁ ସଶକ୍ତ କରିବା ପାଇଁ ତାଙ୍କୁ ଏକ କ୍ଲଷ୍ଟର-ଆଧାରିତ ସିଏସଆର ପଦ୍ଧତି ଆପଣାଇବାକୁ ସେ କହିଥିଲେ।

ସେ କର୍ପୋରେଟ୍ ସଂସ୍ଥାମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ସେମାନେ ନିଜର ସିଏସଆର କାର୍ଯ୍ୟକଳାପକୁ ଅଧିକ ଅପହଂଚ ଜିଲ୍ଲାଗୁଡିକରେ ବିସ୍ତାରିତ କରନ୍ତୁ ଏବଂ ପଂଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଏବଂ ଯୁବ କ୍ଲବ୍ଗୁଡିକୁ ଅନ୍ତର୍ଭୁକ୍ତ କରୁଥିବା ସହଭାଗିତାମୂଳକ ମଡେଲଗୁଡିକୁ ଗ୍ରହଣ କରନ୍ତୁ। ଓଡିଶା ସରକାର ଏକ ସମର୍ପିତ ସିଏସଆର ସେଲ୍ ଏବଂ ସ୍ୱେଚ୍ଛାକୃତ ମୂଲ୍ୟାଙ୍କନ ପଦ୍ଧତି ସହିତ କର୍ପୋରେଟ୍ ସଂସ୍ଥାମାନଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ବୋଲି ସେ ଆଶ୍ୱାସନ ଦେଇଥିଲେ।



ଉନ୍ନୟନ କମିସନର ଏବଂ ଓଡିଶା ସରକାରଙ୍କ ଯୋଜନା ଏବଂ ସମନ୍ୱୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତି ଅନୁ ଗର୍ଗ ଉଲ୍ଲେଖ କରିଥିଲେ ଯେ ବଡ଼ ଏବଂ ଛୋଟ ଉଭୟ ଶିଳ୍ପ ରାଜ୍ୟରେ କ୍ରୀଡା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି। ସେ ଶିଳ୍ପଗୁଡିକୁ ଶାନ୍ତିପୂର୍ଣ୍ଣ ସହବାସ ନିଶ୍ଚିତ କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟଗୁଡିକ ସହିତ ପାରସ୍ପରିକ ଲାଭପ୍ରଦ ଉଦ୍ୟମ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ। ଓଡିଶାର ଅର୍ଥନୈତିକ ଦର୍ଶନ ଉପରେ ଆଲୋକପାତ କରି ସେ କହିଥିଲେ ବର୍ତମାନ ଓଡିଶା ଜାତୀୟ ଜିଡିପିରେ ପ୍ରାୟ ୨.୮-୨.୯% ଅବଦାନ ଦେଉଛି। ୨୦୩୬ ସୁଦ୍ଧା ଆମେ ଏହାକୁ ୪% ଏବଂ ୨୦୪୭ ସୁଦ୍ଧା ୫% କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପାଇଁ ତ୍ୱରାନ୍ୱିତ ଅଭିବୃଦ୍ଧି ଆବଶ୍ୟକ। ସେ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି ଶିଳ୍ପଗୁଡିକୁ ଆଇଟିଆଇଗୁଡିକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଏବଂ ପ୍ରଶିକ୍ଷିତ ଯୁବକଯୁବତୀଙ୍କୁ ନିଜ କର୍ମକ୍ଷେତ୍ରରେ ସାମିଲ କରିବାକୁ ଅନୁରୋଧ କରିଥିଲେ।

ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧକ୍ଷ ଏବଂ ବେଦାନ୍ତ ଲିମିଟେଡର ସଭାପତି – ଆଡଭୋକେସି ଏବଂ ବ୍ୟବସାୟ ବିକାଶ ଶ୍ରୀ ସୁନୀଲ ଗୁପ୍ତା ଆଦିବାସୀ ଅଂଚଳର ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସରକାରୀ ଅଗ୍ରାଧିକାର ସହ ସମନ୍ୱୟ ରଖି ଜୀବିକା ଉନ୍ନୟନ ପାଇଁ ସିଆଇଆଇ ଫାଉଣ୍ଡେସନର ଉଦ୍ୟମଗୁଡିକର ବିବରଣୀ ପ୍ରଦାନ କରିଥିଲେ।

ଜିନ୍ଦଲ ଷ୍ଟିଲ୍ ଲିମିଟେଡର ସଭାପତି, ଗ୍ରୁପ୍ ହେଡ୍ ସିଏସଆର୍ ଏବଂ ଏଜୁକେସନ୍ ଏବଂ ହେଡ୍-ଓଡିଶା କର୍ପୋରେଟ୍ କମ୍ୟୁନିକେସନ୍ସ ଶ୍ରୀ ପ୍ରଶାନ୍ତ ହୋତା ଉଲ୍ଲେଖ କରିଥିଲେ ଯେ ଭାରତରେ ବାର୍ଷିକ ପ୍ରାୟ ୩୫,୦୦୦ କୋଟି ଟଙ୍କା ସିଏସଆର ଉଦ୍ୟମଗୁଡିକ ପାଇଁ ଖର୍ଚ୍ଚ କରାଯାଏ, ଯେଉଁଥିରେ ଓଡିଶା ପାଇଁ ୫,୦୦୦ କୋଟିରୁ ଅଧିକ ଅଟେ। ସେ ମନେ ପକାଇଦେଇଥିଲେ ଯେ ପରି ମହାମାରୀ ସମୟରେ ଅକ୍ସିଜେନ ସିଲିଣ୍ଡର ଯୋଗାଣ ଭଳି ସିଏସଆର ହସ୍ତକ୍ଷେପଗୁଡିକ ଜୀବନରକ୍ଷାକାରୀ ଥିଲା ଏବଂ କହିଥିଲେ ଯେ ଓଡିଶାର ଅନେକ ଉଦ୍ୟମ ଜାତୀୟ ମଡେଲ୍ ଭାବରେ ପରିଣତ ହୋଇଛି। ସିଆଇଆଇ ପୂର୍ବାଂଚଳ କମିଟିର ସିଏସଆର ସବ୍-କମିଟିର ସହ-ଅଧ୍ୟକ୍ଷ ଏବଂ ଗେଇନ୍ୱେଲ୍ କମୋସେଲ୍ସ ପ୍ରାଇଭେଟ୍ ଲିମିଟେଡର ହେଡ୍-କର୍ପୋରେଟ୍ ଷ୍ଟ୍ରାଟେଜି, ଶ୍ରୀମତି ଆକାଂକ୍ଷା ଚତୁର୍ବେଦୀ ସ୍ଥାୟୀ ବିକାଶ, ଉଦ୍ୟୋଗିତା ଏବଂ ସମ୍ପ୍ରଦାୟ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଶିଳ୍ପଗୁଡିକୁ ଅନୁରୋଧ କରିଥିଲେ ଯେ ସେମାନେ ଅଧିକ ଅପହଂଚ ଆଦିବାସୀ ଅଂଚଳରେ ମୌଳିକ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଉପରେ ଧ୍ୟାନ ଦେବା ଉଚିତ୍।

ସିଆଇଆଇ ଓଡିଶା ରାଜ୍ୟ ପରିଷଦ୍ର ଉପାଧ୍ୟକ୍ଷ ଏବଂ ଏଏମ/ଏନଏସ ଇଣ୍ଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ଜି ସୁରେଶ ଧନ୍ୟବାଦ ଅର୍ପଣ କରି ଉଲ୍ଲେଖ କରିଥିଲେ ଯେ ସିଏସଆର କେବଳ ଏକ ଆଇନଗତ କର୍ତବ୍ୟ ନୁହେଁ, ବରଂ ଏହା ସ୍ଥାୟୀ ବିକାଶ, ସମାଜ ଏବଂ ପରିବେଶ ପ୍ରତି ଏକ ପ୍ରକୃତ ପ୍ରତିବଦ୍ଧତା। ସେ ଜୋର ଦେଇ କହିଥିଲେ ଯେ ଓଡିଶାର ବିବିଧ ସାମାଜିକ-ଅର୍ଥନୈତିକ ବସ୍ତୁ ଏବଂ ଉଦୟମାନ ଚାଲେଞ୍ଜଗୁଡିକ ଏକ ସହଯୋଗିତାମୂଳକ ସିଏସଆର ପଦ୍ଧତି ଆବଶ୍ୟକ କରେ ଯେଉଁଠାରେ ସରକାର, ସାମାଜିକ ସଂଗଠନ ଏବଂ ଶିଳ୍ପ ମିଳିତ ଭାବେ କାମ କରନ୍ତି।

ଏହି କନକ୍ଲେଭରେ ରଣନୈତିକ ସିଏସଆର, ଜଳବାୟୁ ପରିବର୍ତନ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଶିଳ୍ପ-ସରକାରୀ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ମହିଳା-କେନ୍ଦ୍ରିକ ସିଏସଆର - ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# କ୍ରମ୍ପଟନ ଡ୍ୟୁରା ଶୃଙ୍ଖଳର ଶୁଭାରମ୍ଭ ସହିତ ସବମର୍ସିବୁଲ ପମ୍ପରେ ସ୍ଥାୟିତ୍ୱ ଏବଂ ବିଶ୍ୱସନୀୟତାର ପୁନଃ ସଂଜ୍ଞାକରଣ କରିଛି

ଭୁବନେଶ୍ୱର,୨୪।୯ (ନି.ପ୍ର) : ପାଣି ଯୋଗାଣର କଥା ଆସିଲେ, ଗ୍ରାହକମାନେ ସେହି ସମାଧାନକୁ ଚାହିଁଥାନ୍ତି ଯାହାକୁ ସେମାନେ ବିଶ୍ୱାସ କରନ୍ତି- ବିଶେଷ ଭାବରେ ଉଚ୍ଚ-ମୂଲ୍ୟ, ଲମ୍ବା-ଅବଧିର ପୁଞ୍ଜିବିନିଯୋଗ ଯେପରିକି ସବମର୍ସିବୁଲ ପମ୍ପ। ଏହାକୁ ଅନୁମୋଦିତ କରି, କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ୍, ଭାରତର ଗ୍ରାହକ ବୈଦ୍ୟୁତିକତାର ଏକ ବିଶ୍ୱସନୀୟ ତଥା ଲୋକପ୍ରିୟ ବ୍ରାଣ୍ଡ ଏହାର ନୂତନ ଡ୍ୟୁରା ଶୃଙ୍ଖଳ



ସବମର୍ସିବୁଲ ପମ୍ପ (୩ୱାଟ, ୪ୱାଟ ଏବଂ ୪ଭିଓ ଶୃଙ୍ଖଳ)ର ଉପସ୍ଥାପନ କରିଛି। ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଏହାର ଦକ୍ଷତା ସହିତ ଏହି ନୂତନ ସମ୍ଭାର ସ୍ଥାୟିତ୍ୱ ଏବଂ ବିଶ୍ୱସନୀୟତାର ସୁନିଶ୍ଚିତତାକୁ ପ୍ରତିଷ୍ଠା କରିଛି ବିବିଧ ଆବଶ୍ୟକତାକୁ ନେଇ ଯେପରିକି ଘରୋଇ ପାଣି ଯୋଗାଣ ଠାରୁ ନେଇ କୃଷି କ୍ଷେତ୍ର ତଥା ଶିଳ୍ପ ବ୍ୟବହାର ପର୍ଯ୍ୟନ୍ତ। ଘରୋଇ ବ୍ୟବହାର, ଫାର୍ମ ତଥା ଶିଳ୍ପ ଇତ୍ୟାଦି ନିମନ୍ତେ ସବମର୍ସିବୁଲ ପମ୍ପ ଗୁଡ଼ିକ ଯଥାର୍ଥରେ ଅନେକଗୁଡ଼ିଏ କଠିନ ଏବଂ ଆହ୍ୱାନ ଦ୍ୱାରା ପରିଚାଳିତ ହୋଇଥାଏ। ଏଥିରେ କୌଣସି ବ୍ୟାଘାତ କେବଳ ଯେ ଦୈନନ୍ଦିନ କାର୍ଯ୍ୟରେ ଅସୁବିଧା ଦେଖାଦେଇଥାଏ ତାହା ନୁହେଁ ଏହା ଅନେକଗୁଡ଼ିଏ ଖର୍ଚ୍ଚକୁ ଯୋଡ଼ିବା ସହିତ ପ୍ରତିଷ୍ଠା ଏବଂ ଏହାକୁ କାଢ଼ିବାରେ ଖର୍ଚ୍ଚାନ୍ତ ହୋଇଥାଏ। କେବଳ ସେହି କାରଣ ଯୋଗୁଁ ଗ୍ରାହକମାନେ ମୂଲ୍ୟଯୁକ୍ତ ପମ୍ପ ଯାହାକି ସେମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ କାର୍ଯ୍ୟରେ ସାହାଯ୍ୟ କରେ ତଥା ଏଥିରେ ଯାନ୍ତ୍ରିକୀ ମରାମତି ଖର୍ଚ୍ଚର ଚାହିଦା କମ୍ ହୋଇଥାଏ ତଥା ବର୍ଷ ବର୍ଷ ଧରି ଏହା ଉତ୍ତମ ଦକ୍ଷତା ସହିତ ପ୍ରଦାନକାରୀତାକୁ ମଧ୍ୟ ସାମିଲ କରିଥାଏ। ଘରୋଇ ଏବଂ ଶିଳ୍ପର ପ୍ରୟୋଗ ପାଇଁ ବ୍ୟାପକ ଭାବରେ ବ୍ୟବହୃତ ହେଉଥିବା ଏହି ସବମର୍ସିବୁଲ ପମ୍ପ ସମ୍ପୂର୍ଣ୍ଣ ଭାବରେ ପାଣିରେ ବୁଡ଼ି ରହିବା କୌଶଳକୁ ନେଇ ପ୍ରସ୍ତୁତ ହୋଇଥାଏ ଯାହା ସହିତ ଏଥିରେ ହରମେଟିକାଲି ସିଲସ ସହିତ ଏହାର ମୋଟରକୁ ଦୃଢ଼ ଭାବରେ ପମ୍ପ ସହିତ ସିଲ କରାଯାଇଥାଏ ଯାହା ଯଥାର୍ଥରେ ଦକ୍ଷତା, ସଠିକ୍ ଏବଂ ଶାନ୍ତ ଭାବରେ କାର୍ଯ୍ୟକାରୀତା ତଥା ଏଥିରେ ପ୍ରାଇମିଙ୍ଗର କୌଣସି ଆବଶ୍ୟକତାକୁ ନ ନେଇ ଏ ସବୁକୁ ସୁନିଶ୍ଚିତ କରିଥାଏ। ସେହି ସମୟରେ ସୁବିଧାର ଦିଗଟିକୁ ବଝା ଯାଇଥାଏ ଯେତେବେଳେ ପମ୍ପ ବର୍ଷ ବର୍ଷ ଧରି ବିନା ବାଧାରେ ଦୀର୍ଘ ସ୍ଥାୟୀ ଭାବରେ ସେବା ପ୍ରଦାନ କରିଥାଏ। କେବଳ ଏହି ମତକୁ ମୁଣ୍ଡରେ ରଖି କ୍ରମ୍ପଟନର ଡ୍ୟୁରା ଶୃଙ୍ଖଳର ଯାନ୍ତ୍ରିକୀ ସେହି ପ୍ରମୁଖ ଦିଗଗୁଡ଼ିକୁ ଦେଖାଇଥାଏ ଯାହା ମଧ୍ୟରେ ରହିଛି ଯାନ୍ତ୍ରିକ ତ୍ରୁଟି, ଘର୍ଷଣଜନିତ କ୍ଷୟକ୍ଷତି, ପରିଚାଳନା, ସର୍ବୋପରି ମାନସିକ ଶାନ୍ତି ସହିତ ଦୂର ଅବଧିର ସଞ୍ଚୟ।

# ସମ୍ବଲପୁରରେ ଖୋଲିଲା କ୍ୟାମ୍ପସର ନୂଆ ଷ୍ଟୋର

ସମ୍ବଲପୁର,୨୪।୯ (ନି.ପ୍ର) : ଭାରତର ଅଗ୍ରଣୀ ଆଥିଲିଜର ଓ ଫୁଟ୍ଓୟାର ବ୍ରାଣ୍ଡ୍ କ୍ୟାମ୍ପସ ପକ୍ଷରୁ ସମ୍ବଲପୁରରେ ନୂତନ ସୋ'ରୁମ୍ ଉଦ୍‌ଘାଟନ ସହ ଖୁଚୁରା ଉପସ୍ଥିତିର ସମ୍ପ୍ରସାରଣ କରିଛି। ଗ୍ରାହକଙ୍କ ନିକଟରେ ପହଂଚିବାରେ ଉନ୍ନତି ଆଣିବା ଏବଂ ଉଲ୍ଲେଖନୀୟ ଅନୁଭୂତି ପ୍ରଦାନ କରିବା ପାଇଁ ବ୍ରାଣ୍ଡ୍‌ର ରହିଥିବା ପ୍ରତିବଦ୍ଧତା ସହ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ସମନ୍ୱିତ ରହିଛି।




ଷ୍ଟୋର୍ ଠିକଣା: କ୍ୟାମ୍ପସ ଏକ୍ସକ୍ଲୁସିଭ୍ ଷ୍ଟୋର, ସପ୍ ନଂ-୧୦, ତଳ ମହଲା, ସିଟି ସେଂଟର ମଲ, ଫାର୍ମ ରୋଡ୍, ସଂଜିବନୀ ହସ୍ପିଟାଲ୍ ପାଖ, ସମ୍ବଲପୁର, ଓଡ଼ିଶା-୭୬୮୦୦୨।

ଏହି ନୂତନ ଷ୍ଟୋର୍ ୩୮୦ ବର୍ଗଫୁଟ୍‌ରେ ରହିଥିବା ବେଳେ ସେଥିରେ ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ କ୍ୟାମ୍ପସର ଷ୍ଟାଇଲିସ୍ ଓ ଫଙ୍କ୍ସନାଲ୍ ଫୁଟ୍ଓୟାର୍‌ର ସଦ୍ୟତମ କଲେକ୍ସନ ରହିଛି। ଗ୍ରାହକମାନେ ଲୋକପ୍ରିୟ ଚରିତ୍ର ବ୍ୟାଟ୍‌ମ୍ୟାନ୍ ଓ ସୁପରମ୍ୟାନ୍‌ରୁ ଅନୁପାଣିତ ସ୍ୱତନ୍ତ୍ର ୱାର୍ନର ବ୍ରଦର୍ସ ଭଳି ଲିମିଟେଡ୍ ଏଡିସନ୍ ସହିତ ବିବିଧ ବର୍ଗର ସ୍ନିକର, ସୁଜ୍ ପାଇପାରିବେ। ଏହି ଅବସରରେ କ୍ୟାମ୍ପସ ଆକ୍ଟିଭଓୟାର ଲିମିଟେଡ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ନିଖିଲ ଅଗ୍ରୱାଲ୍ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ବଜାରରେ ଆମର ରଣନୈତିକ ସମ୍ପ୍ରସାରଣରେ ସମ୍ବଲପୁର ଷ୍ଟୋର୍ ଉଦ୍‌ଘାଟନ ହେଉଛି ଅନ୍ୟତମ ମାଇଲଖୁଂଟ। ଗ୍ରାହକଙ୍କ ନିକଟରେ ଉନ୍ନତ ଭାବରେ ପହଂଚିବା ଏବଂ ଏକ ନିରବଚ୍ଛିନ୍ନ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଆମ ସମର୍ପଣ ଭାବକୁ ଏହି ସମ୍ପ୍ରସାରଣ ପ୍ରଦର୍ଶିତ କରୁଛି। ବଜାରରେ ଚାହିଦା ଦୃଢ଼ ଥିବା ବେଳେ ଭାରତର ପସନ୍ଦର ସ୍ପୋର୍ଟସ ଓ ଆଥିଲିଜର ଫୁଟ୍ଓୟାର ବ୍ରାଣ୍ଡ୍ ଭାବେ ନିଜ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆମ ଅଭିବୃଦ୍ଧି ଯୋଜନାକୁ ଏହା ତ୍ୱରାନ୍ୱିତ କରିବ। ଏହି ନୂଆ ଷ୍ଟୋର୍ ଆମ ମୂଲ୍ୟବାନ ଗ୍ରାହକଙ୍କ ସହ ଯୋଡ଼ିହେବାକୁ ଥିବା ଏକ ଦୃଢ଼ ଚ୍ୟାନେଲ ଗଠନ କରିବାରେ ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି।"

ଏହି ଷ୍ଟୋର୍ ଯୋଡ଼ିହେବା ସହ କ୍ୟାମ୍ପସ ଏବେ ସାରା ଦେଶରେ ୨୯୫ ସ୍ୱତନ୍ତ୍ର ରିଟେଲ୍ ଆଉଟ୍‌ଲେଟ୍ ପରିଚାଳନା କରୁଛି ଯାହା ବ୍ରାଣ୍ଡ୍‌ର ଦ୍ରୁତ ଓ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ଜଣାଉଛି। ପ୍ରମୁଖ ବଜାରଗୁଡ଼ିକରେ ନିକଟରେ ଖୋଲାଯାଇଥିବା ଷ୍ଟୋର୍ ବ୍ରାଣ୍ଡ୍‌ର ଉପସ୍ଥିତିକୁ ବଢ଼ାଇବା ସହ ବ୍ୟାପକ ଗ୍ରାହକଙ୍କ ପାଖରେ ଏହାକୁ ପହଂଚାଇପାରିଛି।

# ଭାରତର ଅକ୍ଷୟଶକ୍ତି ଲକ୍ଷ୍ୟ ହାସଲ ପାଇଁ ସବୁଜ ଶିକ୍ଷା ଓ ଦକ୍ଷତାର ଗୁରୁତ୍ୱ ଉପରେ ଇରେଡାସି ଏମଡିଙ୍କ ଆଲୋକପାତ

ଭୁବନେଶ୍ୱର,୨୪।୯ (ନି.ପ୍ର) : ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୩ ନିୟୁତ ସବୁଜ ନିଯୁକ୍ତି ଆଶା କରାଯାଉଥିବା ବେଳେ ତୁରନ୍ତ ଉତ୍ସର୍ଗୀକୃତ ସବୁଜ ଦକ୍ଷତା ଉତ୍କର୍ଷକେନ୍ଦ୍ରର ଆବଶ୍ୟକତା ଉପରେ ଭାରତୀୟ ଅକ୍ଷୟଶକ୍ତି ବିକାଶ ଏଜେନ୍ସିଲିମିଟେଡ୍ (ଇରେଡା)ର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ ଆଲୋକପାତକରିଛନ୍ତି। ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଂଟରରେ ମୋ ବିଅସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୭ତମ ଅନ୍ତର୍ଜାତୀୟ ସ୍ଥାୟିତ୍ୱ ଶିକ୍ଷା ସମ୍ମିଳନୀ (ଆଇସିଏସଇ)କୁ ସମ୍ବୋଧିତକରିଶ୍ରୀ ଦାସକହିଥିଲେ ଯେ ଭରତର ସ୍ୱଚ୍ଛଶକ୍ତି ପରିବର୍ତନ କେବଳ ପ୍ରଯୁକ୍ତି ଓ ପୁଞ୍ଜି ଉପରେ ନୁହେଁ, ବରଂ ଦକ୍ଷ ଶ୍ରମଶକ୍ତି ଉପରେ ମଧ ନିର୍ଭରଶୀଳ।



ଇରେଡାର ଅଭିଯାନଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୀ ଦାସକହିଥିଲେ ଯେ ସଂସ୍ଥା ସମ୍ପୂର୍ଣ୍ଣ କାଗଜ ବିହୀନ ଭାବେ ପରିଚାଳିତ ହେଉଥିବାବେଳେ ନବସୃଜନ ଓ ସବୁଜ ଶକ୍ତି ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ସହିତ ସହଯୋଗିତାରେ ଜ୍ଞାନ ବ୍ୟାଙ୍କ ଗଠନ କରୁଛି। ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟ ଓ ବିକଶିତ ଭାରତ ୨୦୪୭ ଆକାଂକ୍ଷା ପୂରଣକରିବା ପାଇଁ ଉଭୟ ବିପୁଳ ପୁଞ୍ଜି ନିବେଶ ଓ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଥିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଇରେଡା ପକ୍ଷରୁ ୨୭ ଗିଗାୱାଟରୁ ଅଧିକ ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ପାଣ୍ଠି ଦିଆଯାଇଛି ଯାହା ୬,୦୦,୦୦୦ ନିର୍ମାଣ ନିଯୁକ୍ତିଏବଂ ୫୦ ହଜାର ଦୀର୍ଘକାଳୀନ ପରିଚାଳନା ଓ ରକ୍ଷଣା ବେକ୍ଷଣ ନିଯୁକ୍ତି ସୃଷ୍ଟି କରିପାରିଛି। ଏକ ସ୍ଥାୟୀ ଓ ଅନ୍ତର୍ଭୁକ୍ତୀକରଣ ସବୁଜ ଅର୍ଥନୀତି ଗଠନ କରିବା ପାଇଁ ସରକାର, ଶିଳ୍ପ, ଫାଇନାନ୍ସ, ଶିକ୍ଷାନୁଷ୍ଠାନ ଓ ନାଗରିକ ସମାଜ ମିଳିତ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ। ଇରେଡାର ପ୍ରତିବଦ୍ଧତାକୁ ଦୋହରାଇ ସେ କହିଥିଲେ ଯେ, 'ଆମରମିସନ କେବଳ ଅକ୍ଷୟଶକ୍ତି ପାଇଁ ଫାଇନାନ୍ସ ଦେବା ନୁହେଁ, ବରଂଜ୍ଞାନ, ଦକ୍ଷତା ଓ ଗୋଷ୍ଠୀବିକାଶର ଏକ ବ୍ୟାପକ ବ୍ୟବସ୍ଥାକୁ ସମର୍ଥନ ଦେବା। ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମୀଣ ଭିତିଭୂମି କ୍ଷେତ୍ରରେ ପ୍ରଭାବଶାଳୀ ସିଏସଆର ଅଭିଯାନ ଜରିଆରେ ଭାରତ ସ୍ୱଚ୍ଛଶକ୍ତି ପରିବର୍ତନ ମୋଟଉପରେ ସମାଜର ଉନ୍ନତି କରୁଥିବାକୁ ଆମେ ନିଶ୍ଚିତ କରୁଛୁ। ସେବା ପକ୍ଷର ଅଂଶସ୍ୱରୂପ ଇରେଡା ପକ୍ଷରୁ ଦିଲ୍ଲୀ-ଏନସିଆର ବିଭିନ୍ନ ସ୍କୁଲରେ ସବୁଜ ଶକ୍ତି ଶିକ୍ଷା ଓ ଅକ୍ଷୟଶକ୍ତି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି ଯାହା ଯୁବ ସମାଜର ସମ୍ପୃକ୍ତି ଓ ଗୋଷ୍ଠୀ ଆଉଟରିଚ ପ୍ରତିଏହାର ପ୍ରତିବଦ୍ଧତାକୁ ଦୋହରାଉଛି।

# ଭୁବନେଶ୍ୱରରେ କାଇନେଟିକ୍ ଗ୍ରୀନ୍‌ର ନୂଆ ଡିଲରସିପ୍

ଭୁବନେଶ୍ୱର,୨୪।୯ (ନି.ପ୍ର) : ଭାରତର ପ୍ରମୁଖ ବୈଦ୍ୟୁତିକ ଦୁଇ ଏବଂ ତିନି ଚକିଆ ଯାନ ନିର୍ମାତା, କାଇନେଟିକ୍ ଗ୍ରୀନ୍ ଏନର୍ଜି ଆଣ୍ଡ ପାୱାର ଲିମିଟେଡ୍ ସଲ୍ୟୁସନ୍ସ, ଭୁବନେଶ୍ୱରରେ ଏକ ନୂତନ ଇ୨ଡବ୍ଲୁ ଡିଲରସିପ୍ ଖୋଲିବା ସମ୍ପର୍କରେ ଘୋଷଣା କରି ଆନନ୍ଦିତ। ଏହା ଓଡିଶାର ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ। ଏହି ମହାନ ଉଦଘାଟନ ବ୍ରାଣ୍ଡର ଓଡ଼ିଶା ରାଜ୍ୟରେ ଏହାର ଉପସ୍ଥିତି ସଂପ୍ରସାରଣ କରିବାର ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଚିହ୍ନିତ କରେ।

ଉଦଘାଟନ ସମାରୋହରେ ସେଲ୍ସ, ସର୍ଭିସ୍ ଏବଂ ମାର୍କେଟିଂ ବିଭାଗର କମ୍ପାନୀ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଫାଇନାନ୍ସର, ମତାମତ ନେତା ଏବଂ ଗ୍ରାହକମାନେ ମଧ ଯୋଗ ଦେଇଥିଲେ ଯେଉଁମାନେ ଜଳବାୟୁ ପରିବର୍ତନ ଏବଂ ପ୍ରଦୂଷଣକୁ ସମାଧାନ କରିବାରେ ବୈଦ୍ୟୁତିକ ଯାନ (ଇଭି) ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିଥିଲେ, ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସେମାନଙ୍କର ଗୁରୁତ୍ୱ ଏବଂ ଏହାର ବ୍ୟାପକ ଗ୍ରହଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱରରେ କାଇନେଟିକ୍ ଗ୍ରୀନ୍‌ର ନୂତନ ଡିଲରସିପ୍ କାଇନେଟିକ୍ ଗ୍ରୀନ୍




ର ବୈଦ୍ୟୁତିକ ୨ଡବ୍ଲୁ ଯାନ ପ୍ରଦର୍ଶିତ କରୁଛି। ଏହା ସହିତ, ଗ୍ରାହକମାନଙ୍କ ପାଇଁ ଇ୨ଡବ୍ଲୁ ର ମାଲିକାନା ସୁବିଧାଜନକ କରିବା ପାଇଁ ଡିଲରସିପରେ ଅନେକ ଉନ୍ନତ ଆର୍ଥିକ ବିକଳ୍ପ ମଧ୍ୟ ଉପଲବ୍ଧ ରହିଛି। ଏହି ଡିଲରସିପ୍ ଗର୍ବର ସହିତ କାଇନେଟିକ୍ ଗ୍ରୀନର ବିବିଧ ପରିସରର ବୈଦ୍ୟୁତିକ ଦୁଇଚକିଆ ଯାନ ଇ-ଲୁନା, ଇ-ଜୁଲୁ ଏବଂ ଜିଙ୍ଗକୁ ପ୍ରଦର୍ଶନ କରୁଛି, ଯାହା ଭାରତୀୟ ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ମଡେଲ ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସ୍ଥାୟୀତ୍ୱକୁ ମିଶ୍ରଣ କରନ୍ତି, ସ୍ମାର୍ଟ, ତୀକ୍ଷ୍ଣ ଏବଂ ଅତୁଳନୀୟ ଡିଜାଇନକୁ ଆକର୍ଷଣୀୟ ବୈଶିଷ୍ଟ୍ୟ ଭାବରେ ପ୍ରଦାନ କରନ୍ତି। ଡିଲରସିପ୍ ସମ୍ପ୍ରସାରଣ ବିଷୟରେ କହି, ଶ୍ରୀଯୁକ୍ତ ଜୟପ୍ରଦୀପ ଭି, ପ୍ରେସିଡେଂଟ ୨ଡବ୍ଲୁ, କାଇନେଟିକ୍ ଗ୍ରୀନ୍ କହିଛନ୍ତି, "ଆମେ ଭୁବନେଶ୍ୱରରେ ଆମର ନୂତନ ଡିଲରସିପ୍ ଖୋଲିବା ଘୋଷଣା କରି ବହୁତ ଆନନ୍ଦିତ, ଯାହା ସମଗ୍ର ଓଡ଼ିଶାରେ ଆମର ପାଦଚିହ୍ନକୁ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ମାଇଲଖୁଂଟ ସମଗ୍ର ଭାରତରେ ବେଦ୍ୟୁତିକ ଗତିଶୀଳତାକୁ ସୁଗମ ଏବଂ ମୁଖ୍ୟଧାରାରେ ସାମିଲ୍ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆମର ଉତ୍ସର୍ଗୀକୃତ ଶୋ'ରୁମ୍ ଦଳ ଗ୍ରାହକମାନଙ୍କୁ ବିଶେଷଜ୍ଞ ମାର୍ଗଦର୍ଶନ ସହିତ ସହାୟତା କରିବ, ନିଶ୍ଚିତ କରିବ ଯେ ସେମାନେ ସୁଗମ କ୍ରୟ ଅଭିଜ୍ଞତା, ସେବା ସମର୍ଥନ ପାଇବେ ଏବଂ ଗ୍ରାହକମାନଙ୍କୁ ସେମାନଙ୍କ କ୍ରୟ ବିଷୟରେ ସୂଚନାଭିତିକ ନିଷ୍ପତି ନେବା ପାଇଁ ସଶକ୍ତ କରିବେ।" ଏଥି ସହିତ, ପ୍ରଫୁଲ୍ଲ ସାହୁ, ଶ୍ରୀଯୁକ୍ତ ନିଶାନ୍ତ ସାହୁ, ଏବଂ ଶ୍ରୀମତୀ କାଜଲ ପାତ୍ର, ଶ୍ରୀଯୁକ୍ତ କୃଷ୍ଣ ପାତ୍ର ନିଶାନ୍ତ ଅଟୋ ମୋବାଇଲ୍ସର ମାଲିକ କହିଛନ୍ତି, "ଆମେ କାଇନେଟିକ୍ ଗ୍ରୀନ୍ ସହିତ ସହଭାଗୀତା ସ୍ଥାପନ କରିଥିବାରୁ ଅତ୍ୟନ୍ତ ଉତ୍ସାହିତ ଏବଂ ସେମାନେ ଆମ ପ୍ରତି ଦେଖାଇଥିବା ସମର୍ଥନ ଏବଂ ବିଶ୍ୱାସ ପାଇଁ କୃତଜ୍ଞ। ଆମର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ସେବା ଅଭିଜ୍ଞତା ସୁନିଶ୍ଚିତ କରିବା ସହିତ ସୂଚିତ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ଉଚ୍ଚସ୍ତରୀୟ ସେବା ଏବଂ ବିଶେଷଜ୍ଞ ମାର୍ଗଦର୍ଶନ ପ୍ରଦାନ କରିବା। ଇଭି ବଜାରର ଦ୍ରୁତ ଅଭିବୃଦ୍ଧି ସହିତ, ମୁଁ ନିଶ୍ଚିତ ଯେ ଏହି ଡିଲରସିପ୍ ଭୁବନେଶ୍ୱରରେ ପରିବେଶ ଅନୁକୂଳ ପରିବହନ ସମାଧାନକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।"

# ଆମାଜନର 'ଗ୍ରେଟ ସେଭିଂ ସେଲିବ୍ରେସନ' ଷ୍ଟୋରଫ୍ରଣ୍ଟ ସହିତ ଜିଏସଟି ସଂଚୟ ଆବିଷ୍କାର କରନ୍ତୁ

ଭୁବନେଶ୍ୱର,୨୪।୯ (ନି.ପ୍ର) : ଭାରତରେ ସେପ୍ଟେମ୍ବର ୨୨ ରୁ ଐତିହାସିକ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଥିବାରୁ ଆମାଜନ ଏକ ଉତ୍ସର୍ଗୀକୃତ ଷ୍ଟୋରଫ୍ରଂଟ, ଦି ଗ୍ରେଟ୍ ସେଭିଂ ସେଲିବ୍ରେସନ୍, ହାସଟ୍ୟାଗ ଜିଏସଟି ବଚତ ଉତ୍ସବ ଆରମ୍ଭ କରିଛି। ଏହି ଷ୍ଟୋରଫ୍ରଂଟରେ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ସ୍ୱାସ୍ଥ୍ୟସେବା, ଫ୍ୟାଶନ୍ ଏବଂ ଅନ୍ୟାନ୍ୟ ବର୍ଗରେ ଜିଏସଟି ସଂଚୟ ସହିତ ଉତ୍ପାଦ ପ୍ରଦର୍ଶିତ ହେବ। ସେପ୍ଟେମ୍ବର ୨୩ ରୁ ଆରମ୍ଭ ହେଉଥିବା ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ (ଏଜିଆଇଏଫ୍) ୨୦୨୫ ସମୟରେ ଏହି ସୁବିଧା ଉପଲବ୍ଧ ରହିଛି, ଯେଉଁଥିରେ ପ୍ରାଇମ୍ ସଦସ୍ୟମାନେ ସେପ୍ଟେମ୍ବର ୨୨ ମଧ୍ୟରାତ୍ରିରୁ ୨୪ ଘଂଟା ଶୀଘ୍ର ପ୍ରବେଶ ଉପଭୋଗ କରିବେ। ହାସଟ୍ୟାଗ ଜିଏସଟି ବଚତ ଉତ୍ସବ ର ଅଂଶ ଭାବରେ, ଷ୍ଟୋରଫ୍ରଂଟରେ ପ୍ରଯୁଜ୍ୟ ଜିଏସଟି ସଂଚୟକୁ ପ୍ରତିଫଳିତ କରୁଥିବା ଉତ୍ପାଦଗୁଡ଼ିକରେ ବ୍ୟାଜ୍ ପ୍ରଦର୍ଶିତ ହେବ, ଯାହା ଗ୍ରାହକମାନଙ୍କ ପାଇଁ ଏହି ଅଫରଗୁଡ଼ିକୁ ଚିହ୍ନଟ କରିବା ଏବଂ କିଣିବାକୁ ସହଜ କରିବ। ପ୍ରାଇମ୍ ଆର୍ଲି ଆକ୍ସେସ୍ ସମୟରେ, ଏହି ବ୍ୟାଜ୍ଗୁଡ଼ିକରେ 'ପ୍ରାଇମ୍ ଡିଲ୍ + ଜିଏସଟି ସେଭିଂ' ଏବଂ ମୁଖ୍ୟ ଇଭେଂଟ 'ଡିଲ୍ ୱିଥ୍ ଜିଏସଟି ସେଭିଂ' ଲେଖାଯିବ। ଜିଏସଟି ସେଭିଂ ଏବଂ ପ୍ରାଇମ୍ ଡିଲ୍ ସହିତ, ଗ୍ରାହକମାନେ ବିକ୍ରେତାଙ୍କଠାରୁ ବିଭିନ୍ନ ପ୍ରକାରର ଉତ୍ସବ ଡିଲ୍, ଆମାଜନ ପେ ଲାଟର ମାଧ୍ୟମରେ ନୋ-କଷ୍ଟ ଇଏମ୍ଆଇ ଭଳି ସୁଲଭ ବିକଳ୍ପ ଏବଂ ଆମାଜନ ପେ ରିୱାର୍ଡସ୍ ଗୋଲ୍ଡ ମାଧ୍ୟମରେ ପ୍ରାଇମ୍ ସଦସ୍ୟମାନେ ୫% ପର୍ଯ୍ୟନ୍ତ ନିଶ୍ଚିତ କ୍ୟାସବ୍ୟାକ ଭଳି ସୁବିଧା ପାଇବେ।

ବିକ୍ରେତାମାନଙ୍କୁ ସମର୍ଥନ କରିବା ଏବଂ ସରକାରୀ ସଂସ୍କାର ସହିତ ଅନୁପାଳନକୁ ସହଜ କରିବା ପାଇଁ ଏହାର ପ୍ରତିବଦ୍ଧତାର ଅଂଶ ଭାବରେ, ଆମାଜନ ସେପ୍ଟେମ୍ବର ୨୨, ୨୦୨୫ ରୁ ଲାଗୁ ହେଉଥିବା ନୂତନ ଜିଏସଟି ହାରକୁ ସୁଗମ ଭାବରେ ପରିବର୍ତନ କରିବାରେ ବିକ୍ରେତାମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଆମାଜନ ସେମାନଙ୍କୁ ସେମାନଙ୍କର ତାଲିକାରେ ସମୀକ୍ଷା ଏବଂ ସଠିକତା ବଜାୟ ରଖିବା ପାଇଁ ଉପକରଣ ଏବଂ ମାର୍ଗଦର୍ଶନ ସହିତ ସକ୍ରିୟ ଭାବରେ ସମର୍ଥନ କରୁଛି।

# ନଈ ମଝିରେ ଫସିଲେ ଛେଳି ଓ ମଣିଷ

ନବରଙ୍ଗପୁର,୨୪।୯ : ନଈ ମଝିରେ ଫସିଲେ ଛେଳି ଓ ମଣିଷ। ଏ ଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବାବୁରିଆ ଗାଁ ନିକଟ ତେଲନଦୀ ଠାରେ। ନଦୀ ର ପାଣି ହଠାତ ବୃଦ୍ଧି ପାଇବା କାରଣରୁ ଦୁଇଜଣ ବ୍ୟକ୍ତି ଏବଂ ୨୪ଟି ଛେଳି ଫସିଯାଇଥିଲେ। ଚନ୍ଦାହାଣ୍ଡି ଅଗ୍ନିଶମ ବାହିନୀ ତୁରନ୍ତ ଯାଇ ପଶିଥିବା ୨ଜଣ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ଅଗ୍ନିଶମ ବାହିନୀ। ଘଟଣାରେ ଫସିଥିବା ଦୁଇଜଣ ବ୍ୟକ୍ତି ହେଉଛନ୍ତି ବାବୁରିଆ ଗାଁ ର ଜୟଲାଲ ନାଗେଶ ଏବଂ କୁଞ୍ଜବିହାରୀ ମଟିଆ। ସେମାନେ ସକାଳ ସମୟରେ ଛେଳି ଙ୍କୁ ଚରାଇବା ପାଇଁ ନଦୀର ଅନ୍ୟ ପାର୍ଶ୍ୱକୁ ନେଇଯାଇଥିଲେ। ଅପରାହ୍ନ ରେ ଛେଳି ଚରାଇ ଫେରିବା ସମୟରେ ନଦୀ ପାର କରୁଥିବା ବେଳେ ହଠାତ୍ ନଦୀ ପାଣିର ସ୍ତର ବୃଦ୍ଧି ପାଇବା କାରଣରୁ ସେମାନେ ଫସିଯାଇଥିଲେ ଏବଂ ନଦୀ ମଝିରେ



ଥିବା ଏକ ଢେପ ସ୍ଥାନ ରେ ଅଟକି ରହିଥିଲେ। ଏ ସମ୍ପର୍କ ରେ ଗ୍ରାମବାସୀ ଅଗ୍ନିଶମ ବାହିନୀ ଙ୍କୁ ଜଣାଇବା ପରେ ତୁରନ୍ତ ଘଟଣାସ୍ଥଳ ରେ ପହଞ୍ଚି ୨ ଜଣ ଏବଂ ଛେଳିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ନାରାୟଣ ସାହୁ, ଅନନ୍ତ ପୋଟେଲ, ଗିରିଧର ଡଣ୍ଡସେନା, ତୁଳସୀରାମ ରାଣା, ରାଜୁ ପ୍ରସାଦ ସାହୁ ଏବଂ ଅନୁଜ କୁମାର ସାହୁ ଉଦ୍ଧାର କାର୍ଯ୍ୟ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ

ଖଣ୍ଡପଡ଼ା, ୨୪।୯ (ନିପ୍ର): ଖଣ୍ଡପଡ଼ା ବ୍ଲକ ପରିସରରେ ଶ୍ରବଣ ଶକ୍ତି ବାଧିତ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅନୁଷ୍ଠିତ ଶିବିରରେ ମୋଟ ୫୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ୨୪ ଜଣଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଆଜି ପୂର୍ବାହ୍ନରେ ବିଡ଼ିଓ ଅଙ୍କୁର ଅଭିଲାଷ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ଅଭିଜ୍ଞ କର୍ମଚାରୀଙ୍କ ଶ୍ରବଣ ଶକ୍ତି ବାଧିତ ଦିବ୍ୟାଙ୍ଗଙ୍କ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣାରେ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଉପମା ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଅଡିଓଲୋଜିଷ୍ଟ ନିଷ୍ଠାରଞ୍ଜନ ଦାଶ, ସତ୍ୟପ୍ରକାଶ ନାୟକ, ଲକ୍ଷ୍ମୀପ୍ରିୟା ମଲ୍ଲ, ପ୍ରଭାତ କୁମାର ନାଥ ପ୍ରମୁଖ ଉପସ୍ଥିତ ରହିବା ସହିତ ଶ୍ରବଣ ଯନ୍ତ୍ର ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





# ଭୂମି ମାଳିକଙ୍କୁ ସତ୍ୱଲିପି ପ୍ରଦାନ



ପୁରୀ, ୨୪।୯ (ନି.ପ୍ର) : ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକ ମାନଙ୍କୁ ସତ୍ୱଲିପି ବା ଖତିଆନା ବଣ୍ଟନ ଆରମ୍ଭ ହୋଇଛି।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଚକବନ୍ଦୀ ଉପ ନିର୍ଦ୍ଦେଶକ ଡ ଶରତ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ନିଳମାଧବ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଆଜି ପୂର୍ବାହ୍ନରେ ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ଚୁଡାନ୍ତ ସତ୍ୱଲିପି ବା ଖତିଆନା ସଂପୃକ୍ତ ଜମି ମାଲିକ ମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟ ରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇ ଓ କର୍ମଚାରୀ ସହଯୋଗ କରିଥିଲେ।

ସୂଚନା ଯୋଗ୍ୟ ଯେ ପୂର୍ବରୁ ଚୁଡାନ୍ତ ବନ୍ଦୋବସ୍ତ ସତ୍ୱଲିପି ବା ଖତିଆନା ତା ୯.୪ ୧୯୭୬ ରିଖରେ ପ୍ରକାଶନ ହୋଇଥିଲା।ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭ ହୋଇ ତା ୨୪.୯.୨୫ ରିଖରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୁଡାନ୍ତ ସତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକ ମାନଙ୍କୁ ଆଜି ପ୍ରଦାନ କରାଯାଇଛି। ଅନେକ ଦିନ ଧରି ସତ୍ୱଲିପି ର ସଂଶୋଧନ ହୋଇ ପାରି ନ ଥିବାରୁ ଆମେ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲୁ। ବର୍ତ୍ତମାନ ଏହି ସତ୍ୱଲିପି ପାଇଥିବାରୁ ଭୂମି ମାଲିକ ମାନେ ସେମାନଙ୍କ ଖୁସି ବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନ କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ରଙ୍ଗନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନିଲମ୍ବିତ

ଖୋର୍ଦ୍ଧା, ୨୪।୯ (ନି.ପ୍ର) : ନିର୍ବାଚନ କାର୍ଯ୍ୟରେ ଅବହେଳା କରିଥିବାରୁ ଗତକାଲି ରଙ୍ଗନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ଆଶୁତୋଷ ପତିଙ୍କୁ ଚିଲିକା ବ୍ଲକ୍ ଶିକ୍ଷା ଅଧିକାରୀ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ପତ୍ର ସଂଖ୍ୟା ୧୭୪୩୩ ତା ୨୩.୦୯.୨୦୨୫ ରିଖ ନିର୍ଦ୍ଦେଶ କ୍ରମେ ଏବଂ ଜନ ପ୍ରତିନିଧି ଅଧି ନିୟମ ୧୯୫୦ ପରିଚ୍ଛେଦ ୩୨ ବଳରେ ନିଲମ୍ବିତ କରିଛନ୍ତି କ୍ଷ ଶିକ୍ଷକ ଶ୍ରୀ ଆଶୁତୋଷ ପତିଙ୍କୁ ନିଲମ୍ବନ ପରେ ତାଙ୍କର କାର୍ଯ୍ୟ ମୁଖ୍ୟାଳୟ ପି ଏମ ଶ୍ରୀ ପି ଏସ ସରକାରୀ ଉଚ୍ଚ ବିଦ୍ୟାଳୟ, ଅଙ୍କୁଲାଚାଟି ସ୍ଥିର କରାଯାଇଥିବା ବେଳେ ଓଡ଼ିଶା ସରକାରୀ ସେବା ସଂହିତା ୯୦ ଅନୁଯାୟୀ ତାଙ୍କୁ କେବଳ ସାଧନ ଭତ୍ତା ପ୍ରଦାନ କରାଯିବ ବୋଲି ବ୍ଲକ୍ ଶିକ୍ଷା ଅଧିକାରୀ, ଚିଲିକାଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୧୪୧୭ ତା ୨୩.୦୯.୨୦୨୫ ରେ ଉଲ୍ଲେଖ କରାଯାଇଅଛି କ୍ଷ ନିଲମ୍ବିତ ଶିକ୍ଷକ ଶ୍ରୀ ଆଶୁତୋଷ ପତିଙ୍କୁ ବିନା ଅନୁମତିରେ ତାଙ୍କର କାର୍ଯ୍ୟ ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

# ବେଳାଭୂମିରୁ ରକ୍ତାକ୍ତ ଅବସ୍ଥାରେ ମହିଳା ଉଦ୍ଧାର ଘଟଣା, ଯୁବକ ଗିରଫ



କୋଣାର୍କ, ୨୪।୯ (ନି.ପ୍ର) : ଚନ୍ଦ୍ରଭାଗା ବେଳାଭୂମି ସମୁଦ୍ର କୂଳରୁ ସୋମବାର ରକ୍ତାକ୍ତ ଅବସ୍ଥାରେ ମହିଳା ଉଦ୍ଧାର ଘଟଣାରେ ପୁଲିସ ମଙ୍ଗଳବାର ଜଣେ ଯୁବକକୁ ଗିରଫ କରିଛି । ଗୋପ ଓ କୋଣାର୍କ ଥାନା ପୁଲିସର ଏକ ଟିମ୍ ଗୋପ ଥାନା ଅଧୀନସ୍ଥ ବଣହରା ଗ୍ରାମର ସମୀର ରଞ୍ଜନ ସାହୁକୁ ଘରୁ ଧରିନେଇଥିବା ଜଣାପଡ଼ିଛି। ସୋମବାର ଅପରାହ୍ନରେ କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତାର କଇଁଛ ଘର ନିକଟସ୍ଥ ବେଳାଭୂମି କୂଳରୁ ରକ୍ତାକ୍ତ ଅବସ୍ଥାରେ ଜଗତସିଂହପୁର ଜିଲାର ଜଣେ ମହିଳାଙ୍କୁ ପୁଲିସ ଉଦ୍ଧାର କରିଥିଲା । ତାଙ୍କୁ ପ୍ରଥମେ କୋଣାର୍କ ପରେ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ଛାନ୍‌ଭିନ୍ କରିଥିଲା। ଏହି ଘଟଣାରେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଅଭିଯୁକ୍ତର ମୋବାଇଲ୍ ଟ୍ରାକିଂ କରିଥିଲା। ଏହାପରେ ପୁଲିସ ଚଢ଼ଉ କରି ଗୋପ ଥାନା ବଣହରା ଗ୍ରାମର ସମୀର ସାହୁ କୁ ଗିରଫ କରିଥିଲା। କୋଣାର୍କ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ପ୍ରେସ ମିଟ ଜରିଆରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ସୁଚନା ଦେଇଛନ୍ତି। ଏହି ଅବସରରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ରାମଚଣ୍ଡି ଥାନା ଅଧିକାରୀ ବିଚିତ୍ର ନନ୍ଦ ପରିଡ଼ା ଉପସ୍ଥିତ ଥିଲେ।

# ସମ୍ପତି ପାଇଁ ହୋଇଥିବା ଡବଲ ମର୍ଡର ଘଟଣାରେ ଜେଲ ଗଲେ ଦମ୍ପତି

ଯାଜପୁର: ୨୪/୦୯ (ନି.ପ୍ର): ଯାଜପୁରରେ ସମ୍ପତି ପାଇଁ ହୋଇଥିବା ଡବଲ ମର୍ଡରେ ଘଟଣାରେ ଜେଲ ଗଲେ ଦମ୍ପତି । ୨୦୧୬ମସିହାରେ କୁଆଖିଆ ଥାନା ପ୍ରଥମାଖଣ୍ଡରେ ଜମିବାଡ଼ି ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଡବଲ ମର୍ଡର ଘଟଣାର ରାୟ ପ୍ରକାଶ। ଅଭିଯୁକ୍ତ ଦମ୍ପତି ନୀଳମଣି ସେଠୀ ଓ ବିଳାସି ସେଠୀ କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଅତିରିକ୍ତ ଜିଲା ଓ ଦୌରା ଜଜ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ। ୨୦ଜଣ ସାକ୍ଷ୍ୟ ପ୍ରମାଣ ଓ ୧୯ଗୋଟି ଦସ୍ତାବିଜ କୁ ଆଧାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ରାୟ ପ୍ରକାଶ।

# ଖସିଗଲେ ୪ଗାଡି ଧରାପଡିଲା ଗୋଟେ ମାଙ୍କଡା ପଥର ବୋଝେଇ ଗାଡି

ଡେଲାଙ୍ଗ, ୨୪।୯ (ନି.ପ୍ର) : ଡେଲାଙ୍ଗ ଥାନା ଅଂଚଳରେ ଏବେ ପ୍ରିୟାପ୍ରିତିରେ ବେଆଇନ୍ ମୋରମ ଓ ମାଙ୍କଡା ପଥର ଚୋରାଚାଲାଣ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୁଚନା ମୁତାବକ ପଟ୍ଟନାଇକିଆ ଖୋର୍ଦ୍ଧା ରୋଡ ଡେଲାଙ୍ଗ ଷ୍ଟେସନ ବଜାର ନିକଟ ଦେଇ ୫ଟି ଗାଡି ବେଆଇନି ମୋରମ ଓ ମାଙ୍କଡା ପଥର ବୋଝେଇ କରି ଗାଡି ନେଇ ଆସୁଥିଲେ । କିନ୍ତୁ ଜିଲ୍ଲା ମାଇନ୍ସ ବିଭାଗ ଚଢାଉ ସମୟରେ ଗୋଟେ ଗାଡିକୁ ଧରିଥିବା ବେଳେ ଅନ୍ୟ ୪ଟି ଗାଡି ଖସି ପଳାଇବାରେ ସକ୍ଷମ ହୋଇଥିଲେ । ସେହି ଗୋଟେ ଗାଡିକୁ ଧରି ମାଇନ୍ସ ବିଭାଗ ଡେଲାଙ୍ଗ ଥାନାରେ ଜିମା



ଦେଇଥିବା ସୁଚନା ମିଳିଛି । ତେବେ ଏହି ଗୋଟେ ଗାଡି ଧରିବାକୁ ନେଇ ସାଧାରଣରେ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି । ମାଇନ୍ସ ବିଭାଗ ପକ୍ଷରୁ ଚଢାଉ ସମ୍ପର୍କରେ କିଏ ସେ ବ୍ୟକ୍ତି ବେଆଇନି ଚୋରା ଚାଲାଣକାରୀ ମାଫିଆଙ୍କୁ ଖବର ଦେଇଦେଲା । ଯାହା ଫଳରେ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହେଲେ । କିଏ ସେ ରକ୍ଷକ ହୋଇ ଭକ୍ଷକ ସାଜିଲା । ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି । ଅନ୍ୟପଟେ ଡେଲାଙ୍ଗ ଥାନାରେ ଜବତ ଗାଡିର କାଗଜ ପତ୍ର ଯାଂଚ କରାଯାଇ ତାଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀ ସମୀର ମିଶ୍ର ସୁଚନା ଦେଇଛନ୍ତି ।

# ଦଶପଲ୍ଲା ବନାଞ୍ଚଳକୁ ଭଗବାନ ଭରଷା

ଦଶପଲ୍ଲା, ୨୪।୯: (ନି ପ୍ର) : ଦଶପଲ୍ଲା ବନାଞ୍ଚଳର ୬ଟି ସେକ୍ସନ ମଧ୍ୟରେ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରୁଥିବା ଚଢ଼େୟାପଲ୍ଲୀ ସେକ୍ସନ କାର୍ଯ୍ୟାଳୟ ଏବେ ମୁକୁଳା ପଡ଼ିଛି । ୪ଟି ବିଟ୍‌କୁ ନେଇ ଗଠିତ ଏହି ସେକ୍ସନର ବନପାଳ ଜ୍ୟୋତିରଂଜନ ମାନସିଂହ କାର୍ଯ୍ୟରେ ଯୋଗ ଦେବାର କିଛିଦିନ ପରେ ଲମ୍ବା ଛୁଟିରେ ଯାଇଛନ୍ତି। ମୁଖ୍ୟତଃ ଏହି ସେକ୍ସନଟି ଚଢ଼େୟାପଲ୍ଲୀ ସଂରକ୍ଷିତ ଜଙ୍ଗଲ ୧୦ଟି କମ୍ପାର୍ଟମେଣ୍ଟ ଓ ନୂଆଗାଁ ସଂରକ୍ଷିତ ଜଙ୍ଗଲର ୨ଟି କମ୍ପାର୍ଟମେଣ୍ଟ ସମେତ ବାଲିବେରେଣା, ଚଢ଼େୟାପଲ୍ଲୀ ଏକ୍ସଟେନସନ୍ ଓ ଧୁନ୍ଦୁଗାଡ଼ିଆ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ଶିଖରପଙ୍ଗା, କୁରାଡ଼ିନିଶା ଓ ନୂଆଗାଁ ଡିପିଏଫ୍ ?କୁ ନେଇ ଗଠିତ। ଏହି ସେକ୍ସନ ଅଧୀନରେ ଚଢ଼େୟାପଲ୍ଲୀ, ନୂଆଗାଁ, କାଳମ୍ବା ଓ ବଡ଼ ଶିଖରପଙ୍ଗା ଭଳି ୪ଟି ବିଟ୍ ରହିଥିବା ବେଳେ ମାତ୍ର ଜଣେ ବନରକ୍ଷୀ ରହିଛନ୍ତି । କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ଘୁମୁସର ବନଖଣ୍ଡକୁ ଏହି ସେକ୍ସନଟି ସଂଯୋଗ କରୁଥିବା ବେଳେ ସର୍ବଦା ଏହି ସେକ୍ସନ ଉପରେ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ରହି ଆସୁଛି । ଏଭଳି ସ୍ଥିତିରେ ପ୍ରାୟ ୧ ମାସ ହେଲା ସେକ୍ସନରେ କୌଣସି ବନପାଳ ନଥିବା ବେଳେ ଆବଶ୍ୟକ ସଂଖ୍ୟକ ବନରକ୍ଷୀ ନଥିବା ହେତୁ ବନ୍ୟଜନ୍ତୁ ଓ ଜଙ୍ଗଲର ସୁରକ୍ଷା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡ଼କଥା ହେଉଛି ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ପ୍ରାୟ ୧୫୨୪ ହେକ୍ଟର ସ୍ଥାନକୁ କଞ୍ଜରଭେସନ ରିଜର୍ଭ ଘୋଷଣା କରାଯାଇଥିବା ବେଳେ ଚଢ଼େୟାପଲ୍ଲୀର ଅଧିକାଂଶ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ ରହିଛି । ସେହିଭଳି ଏହି ସେକ୍ସନରେ ଭଲ ଜଙ୍ଗଲ ରହିଛି । ଶାଳ, ପିଆଶାଳ, ଶିଶୁ, ଗମ୍ଭାରୀ ଭଳି ମୂଲ୍ୟବାନ ଗଛ ରହିଛି । ପ୍ରତିବର୍ଷ ଏହି ଜଙ୍ଗଲରୁ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ କାଠ ସଂଗ୍ରହ କରାଯାଇଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘଞ୍ଚ ଜଙ୍ଗଲ ତଥା ଜୈବବିବିଧତା କାରଣରୁ ଏହି ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ଅଧିକ ରହିଛି। ବନ୍ୟପ୍ରାଣୀମାନେ କନ୍ଧମାଳ ଓ ଗଞ୍ଜାମର ଘୁମୁସର ବନଖଣ୍ଡ ମଧ୍ୟରେ ଚଳପ୍ରଚଳ କରିଥାନ୍ତି। ଏସବୁ କାରଣକୁ ନେଇ ଏହି ସେକ୍ସନ ଉପରେ ସର୍ବଦା ମାଫିଆ ଓ ଶିକାରୀଙ୍କ ନଜର ରହି ଆସିଛି ବିଗତ ଦିନରେ ବହୁ କାଠ ମାଫିଆ ଏହି ଜଙ୍ଗଲରୁ ଗିରଫ ହୋଇଥିବା ବେଳେ ବାଘ, ହାତୀ ଓ ବଜ୍ରକାପ୍ତା ଭଳି ପ୍ରାଣୀଙ୍କୁ ଶିକାର କରିଥିବା ଶିକାରୀଙ୍କୁ କାବୁ କରାଯାଇଛି। ଏନେଇ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶଙ୍କ କହିବା ଅନୁଯାୟୀ ବନପାଳଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ସେ ଛୁଟିରେ ଅଛନ୍ତି। ପୋଖରୀଗୋଛା ସେକ୍ସନ ବନପାଳଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା କହିଛନ୍ତି ।ଦଶପଲ୍ଲା ବନାଂଚଳ କୁ ଭଗବାନ ଭରଷା ।

# ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର -୨୦୨୫ ଅନୁଷ୍ଠିତ

ଭଦ୍ରକ, ୨୪।୯ (ନି.ପ୍ର) : ପିଏମ ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୦୭ଟି ବ୍ଲକରୁ ମନୋନୀତ ହୋଇଥିବା ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମିନାରରେ ମୁଖ୍ୟ ଅତିଥିଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୋରୋଜ କୁମାର ଦତ୍ତ। ସଭାପତିତ୍ୱ କରିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର



ଶ୍ରୀମତୀ ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ କୁମାର ସାହୁ, ପ୍ରଧାନଶିକ୍ଷକ, ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଡକ୍ଟର ଜଗବନ୍ଧୁ ସାହୁ। ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ନନ୍ଦ, ଅଧାପକ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ । ବିଚାରକ ଭାବେ ରମଣୀ ରଞ୍ଜନ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ଯ୍ୟ ସମ୍ପାଦନ କରିଥିଲେ । ସେମିନାରରେ ପ୍ରଥମ ସ୍ଥାନ ଅଂଶୁମାନ ପଣ୍ଡା, ବୈଭବ କୁମାର ସାହୁ, ଦ୍ୱିତୀୟ ସ୍ଥାନ, ସୁଶ୍ରୀ ତୁଳସୀ ନାୟକ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାକାର୍ଯ୍ୟ ପରିଚାଳନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ସହାୟତା କରିଥିଲେ ଏବଂ ସଭାଶେଷରେ ଶିକ୍ଷକ ସୋନ୍ତୋଷ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କର ରଥଯାତ୍ରା

ଯାଜପୁର: ୨୪/୦୯ (ନି.ପ୍ର): ପବିତ୍ର ରଥଯାତ୍ରା ପାଇଁ ଚଳଚଂଚଳ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠ। ଗତକାଲି ଠାରୁ ଆରମ୍ଭ ହୋଇଛି ମାଙ୍କ ନବ ଦିନାତ୍ମକ ରଥଯାତ୍ରା । ମା ବିରଜାଙ୍କର ନବଦିବସୀୟ ରଥଯାତ୍ରାର ଦ୍ୱିତୟ ଦିନରେ ଉତ୍ସବ ମୁଖର ସମଗ୍ର ଅଂଚଳ । ଅପରାହ୍ନ ରେ ମାଙ୍କ ଚଳନ୍ତି ପ୍ରତିମାଙ୍କୁ ରଥାରୁଢ଼ କରାଯାଇ ରଥା ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଘଂଟଘଂଟା ହୁଳୁହୁଳି ରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଂଚଳ। ବିଶ୍ୱାସ ରହିଛି ଏହି ନଅଦିନ ଧରି ଚାଲିଥିବା ପୂଜା ସମୟରେ ମାଙ୍କ ମୁଖ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ । ମାଙ୍କ ରଥ ଟାଣିବାକୁ ଏବଂ ରଥରେ ମାଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ ଭିଡ ଦେଖିବାକୁ ମିଳିଥିଲା । ଏହି ନବରାତ୍ର ଅବସର ରେ ସକାଳେ ମାଙ୍କ ଗର୍ଭଗୃହକୁ ଯାଇ ମୁଖ ଦର୍ଶନ ସହ ପାଦ ସ୍ୱର୍ଶ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଗୋହତ୍ୟା ଓ ବେଆଇନ କଂସେଇଖାନା ବନ୍ଦ ଦାବି

ଯାଜପୁର: ୨୪।୯(ନି.ପ୍ର): ଯାଜପୁର ସହତରେ ଗୋହତ୍ୟା ଓ ବେଆଇନ କଂସେଇଖାନା ବନ୍ଦ କରିବା ପାଇଁ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ପୋଲିସ ନିକଟରେ ଦାବି କରିଛି। ମଙ୍ଗଳବାର ରାତ୍ରି ସମୟରେ ଯାଜପୁର ସହରର ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ନିକଟରେ ଥିବା ମଙ୍ଗଳା ମନ୍ଦିର ନିକଟରେ କଟା ଗୋମୁଣ୍ଡ ଓ ଗୋରୁ ଚମଡା ପଡିଥିବାର ନେଇ ଉତେଜନା ଦେଖା ଦେଇଥିଲା । ଯାହାକୁ ନେଇ ବୁଧବାର ଦିନ ଯାଜପୁର ରାଷ୍ଟ୍ରୀୟ ବଜରଙ୍ଗ ଦଳ ଏକ ଶୋଭାଯାତ୍ରାରେ ଆସି ଗୋହତ୍ୟା ବନ୍ଦ କରିବା ଏବଂ ବେଆଇନ କଂସେଇଖାନା ବନ୍ଦ କରିବାକୁ ଯାଜପୁର ଥାନାରେ ଲିଖିତ ଦାବି ପାତ୍ର ଦେଇଥିଲେ। ଏହି ଘଟଣା ଉପରେ ପୋଲିସ ପଦକ୍ଷେପ ନେଉଛି ଏବଂ ବେଆଇନ କଂସେଇଖାନା ବନ୍ଦ କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ଯାଜପୁର ଥାନାର ଡି ଏସ ପି ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଅପର ପକ୍ଷେ ବେଆଇନ କଂସେଇ ଖାନାକୁ ବନ୍ଦ କରିବାକୁ ଯାଜପୁର ପୌରପାଳିକା ତ୍ୱରିତ ପଦକ୍ଷେପ ନେଇଛି।

# ଦକ୍ଷିଣପୁରରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର

କୁକୁଡ଼ାଖଣ୍ଡି: ୨୪/୯ (ନି.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ସୋମବାର ଦିନ ଜିଲ୍ଲାସ୍ତର, ବ୍ଲକ୍ ସ୍ତର ଓ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ସୋମବାର କୁକୁଡ଼ାଖଣ୍ଡି ବ୍ଲକ୍ ଅଧିନସ୍ଥ ଦକ୍ଷିଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ଦେବାଶିଷ ସେଠୀଙ୍କ ସହଯୋଗରେ ଆୟୋଜିତ ଏହି ଶୁଣାଣିରେ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ଓ ଅଭିଯୋଗ କୁ ଶୁଣାଣୀ



କରିଥିଲେ। ଏଥିରେ ବ୍ରହ୍ମପୁର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ନୋଡାଲ ଅଧିକାରୀ ଭାବେ ଯୋଗଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ , ସିଡିପିଓ କୁସୁମ କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ନିଜ ର ସମସ୍ୟା କୁ ପ୍ରତ୍ୟକ୍ଷ ଭାବେ ପ୍ରଶାସନ ସମ୍ମୁଖରେ ରଖିବା ପାଇଁ ଏହି ମଞ୍ଚ ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏଥିରେ ପ୍ରାୟ ୧୨୦ ରୁ ଅଧିକ ଅଭିଯୋଗ ଉପସ୍ଥାପିତ ହୋଇଥିଲା ? ।ସେଗୁଡ଼ିକରେ ବ୍ୟକ୍ତିଗତ ସମସ୍ୟା, ପାରିବାରିକ ଅସୁବିଧା ସହିତ ସାର୍ବଜନିକ ସୁବିଧା ସମ୍ବନ୍ଧୀୟ ଅନେକ ଅଭିଯୋଗ ରହିଥିଲା ।ମୁଖ୍ୟତଃ ଯେଉଁ ସମସ୍ୟାଗୁଡ଼ିକ ଉଠିଥିଲା, ସେଗୁଡ଼ିକ ହେଉଛି ଗ୍ରାମର ରାସ୍ତା ମରାମତି, ବିକଳ୍ପ ଯାତାୟାତ ବ୍ୟବସ୍ଥା, ରାସନ କାର୍ଡ ନବୀକରଣ, ସୁଭଦ୍ରା ଯୋଜନାର ସୁବିଧା, ଜମି ପଟ୍ଟା,ସାମାଜିକ ସୁରକ୍ଷା ପେନସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତ୍ରୁଟି, ଓ ସରକାରୀ ବିଦ୍ୟାଳୟ ର ସମସ୍ୟା ସହ ଅନେକ ସମସ୍ୟା ଥିବା ଦେଖିବାକୁ ମିଳିଛି । କିଛି ସମସ୍ୟାକୁ ଅଧିକାରୀମାନେ ସମାଧାନ କରିଥିଲେ, ଯଥା ରାସନ କାର୍ଡ ସମସ୍ୟା, ପେନସନ ସମ୍ବନ୍ଧୀୟ ତ୍ରୁଟି, ଓ ଆବାସ ଯୋଜନାରେ ଲାଭୁକଙ୍କ ନାମ ସମ୍ବନ୍ଧୀୟ ଅଭିଯୋଗ। ଏହି ଅଭିଯୋଗ ଶୁଣାଣୀ ଶିବିର ମାଧମରେ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଆଶ୍ୱାସନ ଦିଆଗଲା ଯେ ସମସ୍ତ ସମସ୍ୟାକୁ ପ୍ରାଥମିକତାରେ ନିବାରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।ଗ୍ରାମବାସୀମାନଙ୍କ ମତ ଅନୁସାରେ ଏହି ପ୍ରକାରର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିବାରୁ ସେମାନେ ନିଜ ସମସ୍ୟା ପ୍ରକାଶ କରିବାକୁ ଏକ ସହଜ ମଞ୍ଚ ପାଇଛନ୍ତି। ପୂର୍ବରୁ ଯେଉଁଥିରେ ବ୍ଲକ୍ କିମ୍ବା ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା ଏବେ ପଞ୍ଚାୟତରେ ଅଧିକାରୀମାନେ ଆସି ସମସ୍ୟା ଶୁଣିବାରୁ ଗ୍ରାମବାସୀଙ୍କୁ ବହୁତ ସୁବିଧା ମିଳିପାରୁଛି ବୋଲି ଗ୍ରାମ ର ବୁଦ୍ଧିଜୀବି ମାନେ ମତପ୍ରକାଶ କରିଛନ୍ତି ।ସମଗ୍ର କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ଭାବରେ ସଫଳ ହୋଇଥିଲା ଓ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ।

# ଏମବିକେ ମାନଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଅତ୍ୟାଚାରିତ

ଜଟଣୀ, ୨୪।୯ (ନି.ପ୍ର) : ଜଟଣୀ ପଞ୍ଚାୟତ ସମିତି ଅଧିନରେ ୧୫ଟି ପଞ୍ଚାୟତ ଥିବାବେଳେ, ପ୍ରତେକ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଂଗଠନ ଦିର୍ଘ ୧୫ ବର୍ଷରୁ ଉର୍ଦ୍ଧ ହେବ ପୁର୍ବ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିଲା। ପଞ୍ଚାୟତ ସମିତିରେ ସ୍ୱୟ ସହାୟକ ଗୋଷ୍ଠି ଗୁଡିକ ନିଜ ନିଜର ଗୋଷ୍ଠୀ ମଧ୍ୟରେ ପୃଥକ ପୃଥକ ଗୋଷ୍ଠୀ ବିଭିନ୍ନ ନାମରେ ପ୍ରଚଳଣ କରାଇଛନ୍ତି। ଏମିତିକି ଗୋଟେ ଗଟେ ପଞ୍ଚାୟତରେ ୫ ରୁ ୧୫ ଟି ଗୋଷ୍ଠୀରେ ପୃଥକ ଭାବରେ ନିଜ ନିଜର ପଞ୍ଚାୟତରେ ବିଭିନ୍ନ ଅର୍ଥନୀତି ମାଧ୍ୟମରେ ରୋଜଗାରର କ୍ଷମ ହୋଇ ପାରିଛନ୍ତି। ସେହିଭଳି ୧୫ ଜଣ ଏମବିକେ ପ୍ରତେକ ପଞ୍ଚାୟତରେ ଜଣେ ଲେଖାଏଁ ସେମାନଙ୍କୁ ତଦାରଖ ଦାଇତ୍ୱ ନେଇଥାନ୍ତି। ସେହି ଏମବିକେ ମାନେ ପଞ୍ଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରି ସମସ୍ତ କାର୍ଯ୍ୟଭାର ତୁଲାଇ ଆସୁଥିଲେ। ପ୍ରତେକ ପଞ୍ଚାୟତରେ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି, ସେହି ଗୋଷ୍ଠିଙ୍କୁ ବିଭିନ୍ନ ସ୍ଥର, ବିଭିନ୍ନ ନାମରେ ନାମିତ କରାଯାଇଛି। ଯେପରିକି ଜିଲ୍ଲା ସ୍ଥରିୟ ଫାଉଣ୍ଡେସନ, ବ୍ଲକ ଲେବଲ ଫାଉଣ୍ଡେସନ, ପଞ୍ଚାୟତ ଲେବଲ ଫାଉଣ୍ଡେସନ, ଗ୍ରାମ ପଞ୍ଚାୟତ ଲେବଲ ଭଳି ଅନେକ ମହିଳା ସଂଗଠନ କରାଯାଇଛି। ପ୍ରତେକ ଗୋଷ୍ଠି ମଧ୍ୟରେ ସଭାପତି, ସମ୍ପାଦକ ମାନ ଗଠନ କରାଯାଇଛି। ସେହି ମାନଙ୍କ ଜରିଆରେ ମହିଳା ଗୋଷ୍ଠି ସଙ୍ଘ କାର୍ଯ୍ୟ ଏବେ ପର୍ଯ୍ୟନ୍ତ କରିଆସିଛି। ସେହି ମହିଳା ଗୋଷ୍ଠିଙ୍କୁ ତଦାରଖ କରିବା ପାଇଁ ଏମବିକେ ମାନେ ରହିଥାନ୍ତି। ଏଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀର ଅଂଶବିଶେଷ। ସରକାର ବଦଳିଗଲେ, ନୁତନ ସରକାର ଆସିବା ପରେ ନୂତନ ପ୍ରଣିଧାନ ଅବଲମ୍ବନ କରିବା ପାଇଁ ସରକାର ନିଷ୍ପତି ନେଇଥିବା ଯାହା ସୂଚନାଯୋଗ୍ୟ। ଏଠି ଆପଣ ମାନଙ୍କୁ ସୂଚାଇ ଦେବାକୁ ଚାହୁଁଛି। ନୁତନ ନିତି ପ୍ରଣୟନ ହୋଇପାରେ, ସାମ୍ବିଧାନିକ ମତରେ। ହେଲେ ଦିର୍ଘ ଦିନରୁ ଚାଲିଥିବା ମହିଳା ସଂଗଠନକୁ ଭାଙ୍ଗିବା ପାଇଁ ସେହି ମହିଳା ଏମବିକେ ମାନେ ଲାଗି ପଡିଛନ୍ତି, କୌଣସି ପ୍ରକାର କାଗଜ କଲମ ଆଧାରରେ ନଥାଇ କିମ୍ବା କୌଣସି ଅଧିକାରୀଙ୍କ ନିର୍ଦେଶ ନଥାଇ, ମନମାନୀରେ ଏମବିକେ ମାନେ ଚଳେଇଛନ୍ତି । ଅଧିକାରୀଙ୍କୁ ସାକ୍ଷାତ କରି ବୁଝିଥିଲୁ, ଏମବିକେ ମାନେ ପଞ୍ଚାୟତ ସମିତି ଅଧିକାରୀଙ୍କ ସହିତ ଆଲୋଚନା ନକରି, ମହିଳା ଗୋଷ୍ଠିଙ୍କୁ ମୌଖିକ, ଲିଖିତ ଧମକ ଦେଉଛନ୍ତି। ଏମବିକେ



ମାନେ ଜବରଦସ୍ତ କରୁଛନ୍ତି ସଭାପତି, ସମ୍ପାଦକ ବଦଳେଇବାକୁ। ପୂର୍ବରୁ କୌଣସି ଲିଖିତ ନିର୍ଦ୍ଦେଶ କରିନାହାଁନ୍ତି ଏମବିକେ କମ୍ବା ଅଧିକାରୀ। ୧୫ଟି ପଞ୍ଚାୟତର ଗୋଷ୍ଠି ଗୁଡିକ ବାରମ୍ବାର ପଞ୍ଚାୟତ ସମିତି ବିଭିନ୍ନ ଅଧିକାରୀଙ୍କୁ ଭେଟିଛନ୍ତି ହେଲେ କୌଣସି ସୁଫଳ ମିଳିନଥିଲା। ଏପଟେ ଏମବିକେ ମାନେ ଧମକ ଦେଇ ଚାଲିଛନ୍ତି, ଯେମିତିକି ନିଯେ ଜଣେ ଅଧିକାରୀ। ଏମବିକେ ମାନେ ଧମକ ଦେଉଛନ୍ତି, ଆମ କଥା ନମାନିଲେ ତୁମକୁ କାଢି ଦିଆଯିବ, ଅନେକ ପ୍ରକାରର ଅତ୍ୟାଚାର କରୁଛନ୍ତି। ଏବାବଦରେ ଅଧିକାରୀଙ୍କୁ କହିଲେ କେହି ଆମକଥାକୁ ଭୃଖେପ କରୁନାହାନ୍ତି। ତେଣୁ ବାଧ୍ୟହୋଇ ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକ ଙ୍କ ଅଶ୍ରୟ ନେଲୁ। ମାନ୍ୟବର ନ୍ୟାୟାଳୟ ଶୁଣାଣିର ମହଲତ ଦେଇଛନ୍ତି ଆସନ୍ତା ୨୨ ସେପଟ୍ଟେମ୍ବରକୁ ଶୁଣାଣିର ସମ୍ଭାବନା ରହିଛି। ଅଦାଲତର ଶୁଣାଣିକୁ, ଏମବିକେ ମାନେ ସୁଣିବାକୁ ନାରାଜ୍। ତେଣୁ ଆମେମାନେ ଜଟଣୀ ପଞ୍ଚାୟତ ସମିତିରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀ, ଗଣମାଧ୍ୟମର ସହାୟତାରେ ଭୁଆସୁଣୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକର ଆୟୋଜନ କରିଥିଲୁ। ମନ୍ଦିର ପ୍ରାଙ୍ଗଣରେ ସମସ୍ତଙ୍କର ସିଦ୍ଧାନ୍ତ ଅନୁଯାଇ ପଞ୍ଚାୟତ ସମିତି ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲୁ। ଅଧିକାରୀଙ୍କୁ ଅଶେଷ ଧନ୍ୟବାଦ ପଞ୍ଚାୟତ ସମିତିର ଅଧିକାରୀ ମହାଶୟ, ଆମ ମାନଙ୍କ ଅଭିଯୋଗୁ ଗୁରୁତ୍ୱ ଦେଇଥିଲେ ଏବଂ ସହୋଯାଗର ରାସ୍ତା ଦେଖାଇବା ପାଇଁ ପ୍ରତିଶୃତି ଦେଇଥିଲେ। ତେବେ ଆସନ୍ତୁ ଜାଣିବା ଏମବିକେ କିଭଳି ହାରାସ କରିଛନ୍ତି। ଆସନ୍ତୁ ଜାଣିବା କଲ୍ୟାଣୀ ନାମକ ଏମବିକେଙ୍କ ଲିଖିତ ନିର୍ଦ୍ଦେଶ, ଆଜି ଯାଏଁ ଯେଉଁ ଗୋଷ୍ଠୀ ମାନଙ୍କର ରିଷ୍ଟ୍ରକ୍ଚରିଂ ବାକି ଅଛି, ମୋତେ ଏବେ ନୂଆ ସଭାନେତ୍ରୀ ଆଉ ସମ୍ପାଦିକାଙ୍କ ନାମ ଦିଅନ୍ତୁ । ନହେଲେ ସରକାରଙ୍କର ଆଦେଶ ଅନୁସାରେ ଡିସ୍ଟିକ୍ ରୁ ସେ ଗୋଷ୍ଠୀ କୁ ବାହାର୍ କରିଦିଆ ଯିବ। ଆପଣ କିଛି ସୁବିଧା ସୁଜୋଗ ପାଇପାରିବେ ନାହିଁ। ଯେଉଁ ମାନଙ୍କର କଥା ଶୁଣି ରିଷ୍ଟ୍ରକ୍ଚରିଂ ପାଇଁ ମନା କରୁଛନ୍ତି ସେ ଆପଣଙ୍କୁ କୋଉ ସୁଜୋଗ ଯୋଗାଇ ପାରିବେ ନାହିଁ। ସେମାନଙ୍କର ଫାଇଦା ସରିଗଲେ ଆପଣ ହଇରାଣ ହେବେ। ଯଦି ଷ୍ଟେ ଆସିଯିବ ତାହେଲେ ଜାହା ଯେମିତି ଅଛି ସେମିତି ରହିବ। କିନ୍ତୁ ଏବେ ଯାଏଁ କିଛି ଷ୍ଟେ ଅଡର ଆସିନାହିଁ। ନିଜ ଗୋଷ୍ଠୀ କୁ ବଞ୍ଚାଇ ରଖିବାକୁ ହେଲେ ଦୟା କରି ରିସ୍ଟ୍ରକ୍ଚରିଂ ଆଜି କରି ଦିଅନ୍ତୁ। ସେମାନେ ଆପଣଙ୍କୁ ଲୋନ କି ଅଲଗା କଛି ସୁବିଧା ଯୋଗାଇ ଦେବେ ନାହିଁ। ଆପଣ ତାଙ୍କ କଥା ମାନିଲେ କିଛି ଲାଭ ହେବ। ଏହି ପ୍ରକାର ଟିପ୍ପଣୀ ଏମବିକେ ମାନେ ଲେଖୁଛନ୍ତି, ଯେମେତି ନିଜ ଗୋଡରେ ନିଜେ କୁରାଡି ମାରିଲାଭଳି।

# କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୪ା୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଦେଶରେ ଚିକିତ୍ସା ସ୍ନାତକୋତ୍ତର ଏବଂ ସ୍ନାତକ ଶିକ୍ଷା କ୍ଷମତାରେ ବ୍ୟାପକ ବିସ୍ତାରକୁ କ୍ୟାବିନେଟ ମଞ୍ଜୁରୀ ମିଳିଥିବାବେଳେ ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ ୬୯,୭୨୫ କୋଟି ଟଙ୍କାର ପ୍ୟାକେଜ, ୨୨୭୭.୩୯୭ କୋଟି ଟଙ୍କା ବ୍ୟୟବରାଦ ସହିତ ଡିଏସଆଇଆର ଯୋଜନା ''କ୍ଷମତା ନିର୍ମାଣ ଏବଂ ମାନବ ସମ୍ବଳ ବିକାଶ''କୁ କ୍ୟାବିନେଟ ମଞ୍ଜୁରି ମିଳିଛି।

ଦେଶରେ ଚିକିତ୍ସା ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାରେ ବ୍ୟାପକ ବିସ୍ତାର ପାଇଁ ଏକ କେନ୍ଦ୍ର ପ୍ରାୟୋଜିତ ଯୋଜନା (ସିଏସଏସ)ର ତୃତୀୟ ପର୍ଯ୍ୟାୟକୁ ଅନୁମୋଦନ କରିଛି। ଏହାଦ୍ୱାରା ରାଜ୍ୟ ସରକାରୀ / କେନ୍ଦ୍ର ସରକାରୀ ମେଡିକାଲ କଲେଜ / ସ୍ୱତନ୍ତ୍ର ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନ / ସରକାରୀ ଡାକ୍ତରଖାନାଗୁଡ଼ିକୁ ସୁଦୃଢ଼ ଏବଂ ଉନ୍ନତ କରାଯିବ। ଯୋଜନାର କାର୍ଯ୍ୟକାରୀ ହେବା ଫଳରେ ୫,୦୦୦ ଅତିରିକ୍ତ ଚିକିତ୍ସା ସ୍ନାତକୋତ୍ତର ଆସନ ସଂଖ୍ୟା ବୃଦ୍ଧି କରାଯାଇପାରିବ। ସେହିପରି ବର୍ତ୍ତମାନର ସରକାରୀ ମେଡ଼ିକାଲ କଲେଜରେ ପ୍ରତି ଆସନ ପାଇଁ ୧.୫୦ କୋଟି ଟଙ୍କା ବର୍ଦ୍ଧିତ ମୂଲ୍ୟ ସୀମା ସହିତ ୫,୦୨୩ ଡାକ୍ତରୀ ସ୍ନାତକ ବା ଏମବିବିଏସ ଆସନ ବୃଦ୍ଧି କରାଯିବାକୁ ଏହି କେନ୍ଦ୍ର ପ୍ରାୟୋଜିତ ଯୋଜନାକୁ ସମ୍ପ୍ରସାରିତ କରାଯିବ। ଏହି ପଦକ୍ଷେପ ସ୍ନାତକ ଚିକିତ୍ସା କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ; ଅତିରିକ୍ତ ସ୍ନାତକୋତ୍ତର ଆସନ ସୃଷ୍ଟି କରି ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ବୃଦ୍ଧି କରିବ; ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ନୂତନ ଚିକିତ୍ସା ବିଶେଷଜ୍ଞତା ପ୍ରଚଳନକୁ ସହଜ କରିବ ଏହା ଦେଶରେ ସାମଗ୍ରିକ ଭାବରେ ଡାକ୍ତରଙ୍କ ଉପଲବ୍ଧତାକୁ ବଢ଼ାଇବ।୨୦୨୫-୨୬ରୁ ୨୦୨୮-୨୯ ଅବଧି ପର୍ଯ୍ୟନ୍ତ ଏହି ଦୁଇଟି ଯୋଜନା (ସିଏସଏସ ଏବଂ ଏହାର ସମ୍ପ୍ରସାରିତ ଯୋଜନା)ର ମୋଟ ଆର୍ଥିକ ବ୍ୟୟବରାଦ ୧୫,୦୩୪.୫୦ କୋଟି ଟଙ୍କା ରହିବ। ୧୫୦୩୪.୫୦ କୋଟି ଟଙ୍କା ମଧ୍ୟରୁ, କେନ୍ଦ୍ର ସରକାରଙ୍କ ଦେୟ ପରିମାଣ ୧୦,୩୦୩.୨୦ ଏବଂ ରାଜ୍ୟ ସରକାରଙ୍କ ଭାଗ ୪୭୩୧.୩୦ କୋଟି ଟଙ୍କା ହେବ। ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରୀ ମେଡିକାଲ କଲେଜ/ ପ୍ରତିଷ୍ଠାନଗୁଡ଼ିକରେ ଡାକ୍ତରୀ ଆସନ ବୃଦ୍ଧି ପାଇଁ ଯୋଜନାଗୁଡ଼ିକ ଦେଶରେ ଡାକ୍ତର ଏବଂ ବିଶେଷଜ୍ଞଙ୍କ ଉପଲବ୍ଧତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ବିଶେଷକରି ଅନୁନ୍ନତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାରେ ଉନ୍ନତି ଆସିବ। ଏହା ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବର୍ତ୍ତମାନ ଭିତ୍ତିଭୂମି ମଧ୍ୟରେ ତୃତୀୟସ୍ତରୀୟ ସ୍ୱାସ୍ଥ୍ୟସେବାର ମୂଲ୍ୟ-ପ୍ରଭାବୀ ବିସ୍ତାରକୁ ମଧ୍ୟ ପ୍ରୋତ୍ସାହିତ କରିବ। କାରଣ ସ୍ନାତକୋତ୍ତର ସିଟ୍ ବୃଦ୍ଧି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା କ୍ୟାଡରରେ ବିଶେଷଜ୍ଞଙ୍କ ନିରନ୍ତର ଯୋଗାଣ ସୁନିଶ୍ଚିତ ହେବ। ଏହି ଯୋଜନାଗୁଡ଼ିକ ସ୍ୱାସ୍ଥ୍ୟସେବା ସମ୍ବଳର ସନ୍ତୁଳିତ ଆଞ୍ଚଳିକ ବଣ୍ଟନକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖିଛି। ଏହା ବର୍ତ୍ତମାନର ଭିତ୍ତିଭୂମିକୁ ଉପଯୋଗ କରି ଅଧିକ ଖର୍ଚ୍ଚ-ପ୍ରଭାବୀ ହେବ ଦୀର୍ଘକାଳୀନ ଭାବରେ, ଏହି ଯୋଜନାଗୁଡ଼ିକ ବର୍ତ୍ତମାନ ଏବଂ ପରିବର୍ତ୍ତିତ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜବୁତ କରିବ।

ାମୁଦ୍ରିକ କ୍ଷେତ୍ରର ରଣନୀତିକ ଏବଂ ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରି କେନ୍ଦ୍ର କ୍ୟାବିନେଟ ଆଜି ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମକୁ ପୁନର୍ଜୀବିତ କରିବା ପାଇଁ ୬୯,୭୨୫ କୋଟି ଟଙ୍କାର ଏକ ବ୍ୟାପକ ପ୍ୟାକେଜକୁ ଅନୁମୋଦନ କରିଛି । ଏହି ପ୍ୟାକେଜରେ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତାରେ ଉନ୍ନତି ଆଣିବା, ସବୁଜ କ୍ଷେତ୍ର ଏବଂ ବ୍ରାଉନଫିଲ୍ଡ ଜାହାଜ ନିର୍ମାଣ ବିକାଶକୁ ପ୍ରୋତ୍ସାହିତ କରିବା, ବୈଷୟିକ କ୍ଷମତା ଓ ଦକ୍ଷତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ସାମୁଦ୍ରିକ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ଆଇନଗତ, ଟିକସ ଓ ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଏକ ଚାରି-ସ୍ତମ୍ଭ ଆଧାରିତ ପଦ୍ଧତି ପ୍ରଚଳନ କରାଯାଇଛି। ଏହି ପ୍ୟାକେଜ ଅଧୀନରେ, ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନା (ଏସବିଏଫଏଏସ) ୩୧ ମାର୍ଚ୍ଚ ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଯାହାର ମୋଟ କର୍ପସ ୨୪,୭୩୬ କୋଟି ଟଙ୍କା ହେବ। ଏହି ଯୋଜନାର ଲକ୍ଷ୍ୟ ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଏବଂ ଏଥିରେ ୪,୦୦୧ କୋଟି ଟଙ୍କା ଆବଂଟନ ସହିତ ଏକ ଶିପବ୍ରେକିଂ କ୍ରେଡିଟ୍ ନୋଟ୍ ମଧ୍ୟ ସାମିଲ ରହିଛି । ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ଏକ ଜାତୀୟ ଜାହାଜ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ।

କେନ୍ଦ୍ର କ୍ୟାବିନେଟ୍ ପଂଚଦଶ ଅର୍ଥ ଆୟୋଗ ୨୦୨୧-୨୨ ରୁ ୨୦୨୫-୨୬ ଅବଧି ପାଇଁ ୨,୨୭୭,୩୯୭ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ''କ୍ଷମତା ନିର୍ମାଣ ଏବଂ ମାନବ ସମ୍ବଳ ବିକାଶ'' ଉପରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ/ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (ଡିଏସଆଇଆର/ ସିଏସଆଇଆର) ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନା ସିଏସଆଇଆର ଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ ଦେଶର ସମସ୍ତ ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଜାତୀୟ ପ୍ରୟୋଗଶାଳା, ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ, ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ସାମିଲ ହେବ। ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟ, ଶିଳ୍ପ, ଜାତୀୟ ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା ଏବଂ ଶିକ୍ଷାନୁଷ୍ଠାନରେ କ୍ୟାରିୟର କରିବାକୁ ଆକାଂକ୍ଷୀ ଯୁବବର୍ଗ, ଉତ୍ସାହୀ ଗବେଷକଙ୍କ ପାଇଁ ଏକ ବ୍ୟାପକ ମଂଚ ପ୍ରଦାନ କରେ। ପ୍ରଖ୍ୟାତ ବୈଜ୍ଞାନିକ ଏବଂ ପ୍ରାଧ୍ୟାପକମାନଙ୍କର ମାର୍ଗଦର୍ଶନରେ, ଏହି ଯୋଜନା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଚିକିତ୍ସା ଏବଂ ଗାଣିତିକ ବିଜ୍ଞାନ (ଏସଟିଇଏମଏମ) ବିକାଶକୁ ପ୍ରୋତ୍ସାହିତ କରିବ।

ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ଗବେଷକଙ୍କ ସଂଖ୍ୟା ବୃଦ୍ଧି କରି ଭାରତରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବାରେ କ୍ଷମତା ନିର୍ମାଣ ଏବଂ ମାନବ ସମ୍ବଳ ବିକାଶ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଯୋଜନା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କ୍ଷମତା ନିର୍ମାଣ ଏବଂ ଉଚ୍ଚ ଗୁଣବତ୍ତା ଆଧାରିତ ମାନବ ସମ୍ବଳର ଭଣ୍ଡାରକୁ ବିସ୍ତାର କରି ଏହାର ପ୍ରାସଙ୍ଗିକତା ପ୍ରମାଣିତ କରିଛି।

# କିସ୍ ଛାତ୍ରୀ ଜାମିନୀ ଚୁକଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର୍



ଭୁବନେଶ୍ୱର, ୨୩।୯: କିସ୍ ଏକ ବିଶ୍ୱବିଦ୍ୟାଳୟ ହୋଇପାରିଥିବାରୁ ଜନଜାତି ତଥା ଦୁର୍ବଳ ଜନଜାତି ବର୍ଗର ବହୁ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇପାରୁଛନ୍ତି। ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କିସ ବିଶ୍ୱବିଦ୍ୟାଳୟ ଛାତ୍ରୀ ଜାମିନୀ ଝାଙ୍କର। ସେ ଚକୁଟିଆ ଭୁଞ୍ଜିଆ ଜନଜାତି ସମ୍ପ୍ରଦାୟର ପ୍ରଥମ ରିସର୍ଚ୍ଚ ସ୍କଲାର ହେବାର ଗୌରବ ଅର୍ଜନ କରିଛନ୍ତି। ଜାମିନୀ କିସ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ ଯୋଗ ଦେଇଥିଲେ। କିସ୍ ବିଶ୍ୱବିଦ୍ୟାଳୟରୁ ସେ ତାଙ୍କର ଗବେଷଣା ସଫଳତାର ସହ ଶେଷ କରି ପିଏଚଡ଼ି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାମିନୀ ହେଉଛନ୍ତି ଚକୁଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର। ସେ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ। ବାପା ବିଜୟ ଝାଙ୍କର ଓ ମାଆ ବୈଦେହୀଙ୍କ ଶିକ୍ଷା ପ୍ରତି ସଚେତନତା ଯୋଗୁଁ ଜାମିନୀଙ୍କ ସହ ଅନ୍ୟ ୬ ଭଉଣୀ ମଧ୍ୟ ଏବେ ଶିକ୍ଷାରତ। ଜାମିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜାମିନୀ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଶୀର୍ବାଦ ନେଇଥିଲେ। ଶ୍ରୀ ସାମନ୍ତ ଜାମିନୀଙ୍କ ସଫଳତାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂଆପଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଘେରା ଏକ ଦୁର୍ଗମ ଗାଁ ସାନବାହାଲିର ଝିଅ ଜାମିନୀ ଆଜି ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କିସ୍ ହେଉଛି ବିଶ୍ୱର ସର୍ବବୃହତ ଜନଜାତି ଅନୁଷ୍ଠାନ। କିସ୍ ହେଉଛି ଏକ ବିଦ୍ୟାଳୟ, ଏକ ମହାବିଦ୍ୟାଳୟ ଓ ଏକ ବିଶ୍ୱବିଦ୍ୟାଳୟ। କିସ୍‌ରେ ପାଠପଢି ବହୁ ଗରିବ ଜନଜାତି ଛାତ୍ରଛାତ୍ରୀ ଆଜି ଡ଼ାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଓଏଏସ ଓ ଓଜେଏସ୍ ହୋଇପାରିଥିବା ବେଳେ ଅନେକ ଛାତ୍ରଛାତ୍ରୀ ଆଇଆଇଟି,ଏନଆଇଟି, ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି। ଶିକ୍ଷା ବ୍ୟତିରେକ କିସ୍‌ର ଛାତ୍ରଛାତ୍ରୀମାନେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣି ଦେଉଛନ୍ତି। ଜାମିନୀ ନିଜ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ଗାଇଡ୍ ଡ. ରଶ୍ମି ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ଆଦି କର୍ମଯୋଗୀ ଅଭିଯାନ



ଅନୁଗୁଳ : ଅନୁଗୁଳ ବ୍ଲକର ପଞ୍ଚୁମହଲା ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ସଫଳ ରୂପରେ ଆରମ୍ଭ କରାଯାଇଅଛି। ଏହି କାର୍ଯ୍ୟକ୍ରମ ରେ ଦେବଦତ୍ତ ମହାନ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଅନୁଗୁଳ, ଦିଲ୍ଲୀପ କୁମାର ମିଶ୍ର ଜିଲ୍ଲା ମଙ୍ଗଳ ଅଧିକାରୀ ଅନୁଗୁଳ, ଶ୍ରୀମତୀ ସୁପ୍ରଭା ସେଠୀ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନୁଗୁଳ ମିଳିତ ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗ୍ରାମବାସୀଙ୍କ ଉଦେଶ୍ୟରେ ନିଜ ଅଭିଭାଷଣରେ ଯୋଜନା ର ଉଦେଶ୍ୟ, କାର୍ଯ୍ୟକାରିତା ବିଷୟ ରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ କାର୍ଯ୍ୟ ର ସଠିକ ତଦାରଖ କରିବ ସହ କାର୍ଯ୍ୟ ର ସଫଳ ରୂପାୟନ ପାଇଁ ସଠିକ ପଦକ୍ଷେପ ନିର୍ଦ୍ଧାରିତ ସମୟ ବ୍ୟବଧାନ ରେ ସମ୍ପର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ତତ ସହିତ ଗ୍ରାମରେ orientation programme, transect walk, village action plan ମଧ୍ୟ ପ୍ରସ୍ତୁତ କରାଯାଇଅଛି।

# ସହଯୋଗ ଫାଉଣ୍ଡେସନର ପୁଣ୍ୟ କାର୍ଯ୍ୟ

ବଲାଙ୍ଗୀର, ୨୪।୯(ନି.ପ୍ର): -ବଲାଙ୍ଗୀର ର ପ୍ରମୁଖ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ ଦ୍ୱାରା ପିତୃପକ୍ଷ ଭୋଜନ ସେବାର କାର୍ଯ୍ୟକ୍ରମ ସମାପ୍ତ ହୋଇଛି । ଏହି କାର୍ଯ୍ୟକ୍ରମ ୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୧୫ ଦିନ ଧରି ଅବିରତ ଚାଲିଥିଲା। ପ୍ରତିଦିନ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ରୋଟି, ତରକାରି, ଫଳ ଓ ମିଠା ପ୍ରାୟ ୭୦୦ ରୁ ଅଧିକ ଲୋକଙ୍କୁ ବଂଟନ କରାଯାଇଥିଲା। ହିନ୍ଦୁ ସଂସ୍କୃତିରେ ପିତୃପକ୍ଷକୁ ଅତ୍ୟନ୍ତ ପବିତ୍ର ବୋଲି ଧରାଯାଏ। ଏହା ପୂର୍ବଜଙ୍କ ପ୍ରତି କୃତଜ୍ଞତା ଓ ସ୍ମରଣର ସମୟ। ଏହି ସମୟରେ ଦରିଦ୍ର ଓ ଜରୁରୀ ଲୋକଙ୍କୁ ଭୋଜନ କରାଇବାକୁ ଶ୍ରେଷ୍ଠ ପୁଣ୍ୟ କାମ ମନାଯାଏ। ସହଯୋଗ ଫାଉଣ୍ଡେସନ ଏହି ପାରଂପରିକତାକୁ ପାଳନ କରି ୧୫ ଦିନ ଧରି ନିରନ୍ତର ପିତୃପକ୍ଷ ଭୋଜନ ସେବା କରିଥିଲା। ପିଛଲା ୩ ବର୍ଷ ଧରି ସହଯୋଗ ଫାଉଣ୍ଡେସନ ପ୍ରତି ରବିବାରେ ଦିନରେ ୪୦୦ ଓ ରାତିରେ ୭୦୦ ରୁ ଅଧିକ ଲୋକଙ୍କୁ ଭୋଜନ ସରକାରୀ ହସ୍ପିଟାଲ ରେ ବଂଟନ କରୁଛି ।ତା' ସହିତ , ଆମ୍ବୁଲାନ୍ସ ସେବା, ରକ୍ତଦାନ, ବସ୍ତ୍ରଦାନ, ପୁସ୍ତକ ଦାନ, ସ୍ୱାସ୍ଥ୍ୟ ଶିବିର, ଯୋଗ, ଧ୍ୟାନ, ଗଛ ଲଗାଣ, ଅକ୍ସିଜେନ୍ ସେବା ପରି ବିଭିନ୍ନ ସେବାକାର୍ଯ୍ୟ ମଧ୍ୟ କରୁଛନ୍ତି। ଏହି ପିତୃପକ୍ଷ ଭୋଜନ ସେବା ପବିତ୍ର କାର୍ଯ୍ୟରେ କିଛି ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ – ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଶ୍ରୀ ସୁଷ୍ମି ମହାପାତ୍ର, ଓ ଟିଭି ବ୍ୟୁରୋ ଚିଫ, ପଶ୍ଚିମ ଓଡ଼ିଶା -ମନୋରଞ୍ଜନ ଯୋଷୀ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ- ପବିତ୍ର ବେହେରା, ସବ-କଲେକ୍ଟର- ଆଲୋକ କୁମାର ପଟେଲ ,ଉପ-ବିଭାଗୀୟ ପୋଲିସ ଅଧିକାରୀ - ସରୋଜ କୁମାର ଉପାଧ୍ୟାୟ, ଏବ ପୋଲିସ ଉପ-ସୁପରିଂଟେଣ୍ଡେଂଟ – ଶ୍ରୀ କମଳ କୁମାର ପଣ୍ଡା ସମସ୍ତ ଅତିଥି ସହଯୋଗ ଫୌ ?ଣ୍ଡସନ ର ଏହି କାର୍ଯ୍ୟକ୍ରମ କୁ ବହୁତ ପ୍ରଶଂସା କରିଥିଲେ।

## ଅନୁଗୁଳ ଜିଲ୍ଲା ପୋଲିସର ଅପରେସନ 'ଅଗ୍ନି'

# ୧.୫ କୋଟି ର ବାଣ ଜବତ ୧୩ ଗିରଫ

ଅନୁଗୁଳ ୨୪।୯(ନି.ପ୍ର.): : ପାର୍ବଣ ଋତୁ ପୂର୍ବରୁ ସତର୍କତା ଦୃଷ୍ଟିକୋଣରୁ ଅନୁଗୁଳ ଜିଲ୍ଲା ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ବାଣ ଜବତ କରିଛି। ଅନୁଗୁଳ ଏସପି ରାହୁଲ ଜୈନ ଙ୍କ ନିର୍ଦ୍ଦେଶରେ



ଅନୁଗୁଳ ଜିଲ୍ଲା ପୋଲିସ ପକ୍ଷରୁ ଏହି ଚଢ଼ଉ ଗତ ଦୁଇ ଦିନ ଧରି ଚାଲିଥିଲା। ଅନୁଗୁଳ ଟାଉନ ଥାନା ଅଞ୍ଚଳରୁ ମୋଟ ୧୬୫୦ କେଜି ବାଣ ଜବତ କରାଯାଇଛି, ଯାହାର ମୂଲ୍ୟ ୧୮ ଲକ୍ଷ ଟଙ୍କା ଏବଂ ଏହି ମାମଲାରେ ୩ ଜଣ ଗିରଫ ହୋଇଥିବା ବେଳେ ଗୋଟିଏ ପିକ୍ ଅପ୍ ଭ୍ୟାନ ଜବତ ହୋଇଛି। ସଦର ଥାନା ଅଞ୍ଚଳରୁ ମୋଟ ୧୫୦୦ କେଜି ବାଣ ଜବତ କରାଯାଇଛି, ଯାହାର ମୂଲ୍ୟ ଏକ କୋଟି ଦଶ ଲକ୍ଷ ଟଙ୍କା। ଏ ମାମଲାରେ ଦୁଇଜଣ ଗିରଫ ହୋଇଛନ୍ତି। ତାଳଚେର ଥାନା ଅଞ୍ଚଳରୁ ୩୦୦ କେଜି ବାଣ ଜବତ କରାଯାଇଛି , ଯାହାର ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କା। ଏ ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଛେଣ୍ଡିପଦା ଥାନା ଅଞ୍ଚଳରୁ ୧୦୦୦ କେଜି ବାଣ ଜବତ କରାଯାଇଛି, ଯାହାର ମୂଲ୍ୟ ୧୩ ଲକ୍ଷ ଟଙ୍କା। ଏ ମାମଲାରେ ଜଣକୁ ଗିରଫ କରାଯାଇଛି ।ଜରପଡା ଥାନା ଅଞ୍ଚଳରୁ ୫୦୦ କେଜି ବାଣ ଜବତ କରାଯାଇଛି , ଯାହାର ମୂଲ୍ୟ ୮ ଲକ୍ଷ ଟଙ୍କା । ଏ ମାମଲାରେ ଜଣକୁ ଗିରଫ କରାଯାଇଛି। ବାଗେଡିଆ ଥାନା ଅଞ୍ଚଳରୁ ୧୦ କେଜି ବାଣ ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୧୦ ହଜାର ଟଙ୍କା। ଏନଟିପିସି ଥାନା ଅଞ୍ଚଳରୁ ୨୫୦ କେଜି ବାଣ ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୧.୫୦ ଲକ୍ଷ ଟଙ୍କା ହେବ। ଭାରତୀୟ ନ୍ୟାୟ ସଂହିତା ର ଏକସପ୍ଲୋସିଭ ଆକ୍ଟ ର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିବା ଏସପି ଶ୍ରୀ ଜୈନ ପ୍ରକାଶ କରିଛି।

# ପରିବେଶ ପ୍ରେମୀ ଅସୀମ ଭୋଇ

ବଲାଙ୍ଗୀର, ୨୪।୯(ନି.ପ୍ର.): ଆଜି ୟୁଜୀଏଚ୍ଏସ ଟିକିଲ୍ ବାହାଲ୍ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।କରାଟେ କୋଚ୍ ତଥା



ପରିବେଶ ପ୍ରେମୀ ଅସୀମ କୁମାର୍ ଭୋଇ ନିଜ ଉଦ୍ୟମରେ ଆଜି ଟିକିଲ୍ ବାହାଲ ସ୍କୁଲ ପରିସରରେ ୨୯ ଟି ଚାରା ରୋପଣ କରିଛନ୍ତି। ଏକ୍ ପେଡ ମା କେ ନାମ୍ ଅଭିଜାନ ପାଇଁ କେନ୍ଦ୍ର ସରକାର ସାରା ଭାରତ ବର୍ଷରେ ବୃକ୍ଷ ରୋପଣ କରୁଥିବା ବେଳେ ଯୁବ ସମାଜ ସେବି ଅସୀମ ଭୋଇଙ୍କ ଏଭଳି ଉଦ୍ୟମକୁ ଟିକିଲ୍ ବାହାଲ ସ୍କୁଲ ପ୍ରଧାନ ଶିକ୍ଷକ ରାଜ୍ କିଶୋର ପଧାନ ତଥା ବୁଦ୍ଧିଜୀବି ମହଲରେ ପ୍ରଶଂସା କରିଛନ୍ତି ।ପ୍ରକାଶ ଥାଉ କି ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସଭାପତି ଅଟନ୍ତି ଅସୀମ ଭୋଇ ।ଏହି ଅବସରରେ ସମସ୍ତ ଛାତ୍ର ଛାତ୍ରୀ ନିଜ ବାଡିରେ ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଢିବା ପାଇଁ ଶ୍ରୀ ଭୋଇ ଛାତ୍ର ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଓଡିଶାରୁ ଗୁଜରାଟ: ବ୍ରହ୍ମପୁରରୁ ସୁରଟ ମଧ୍ୟରେ ସୁଗମ ଏବଂ ଆରାମଦାୟକ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍ ସେବା

ଭୁବନେଶ୍ୱର ,୨୪।୯: ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ପ୍ରମୁଖ ଜିଲ୍ଲାକୁ ସଂଯୋଗ କରୁଥିବା ବ୍ରହ୍ମପୁର ଏବଂ ସୁରଟ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସର ସେବା ଘୋଷଣା କରି ଭାରତୀୟ ରେଳବାଇ ଖୁସି ଅନୁଭବ କରୁଛି । ଏହି ନୂତନ ଟ୍ରେନ୍ ସେବା ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ ।

ଉଦଘାଟନୀ ଟ୍ରେନ୍ଟି ବ୍ରହ୍ମପୁର ରେଳ ଷ୍ଟେସନରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ାରୁ ସେପ୍ଟେମ୍ବର ୨୭ (ଶନିବାର, ଅସ୍ଥାୟୀ ଭାବରେ ୧୨:୦୦ ଘଣ୍ଟା) ରେ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ଟ୍ରେନ୍ ବିଜୟନଗରମ୍-ରାୟଗଡା-ଟିଟିଲାଗଡ଼-ରାୟପୁର-ନାଗପୁର-ଭୁସାୱାଲ ଦେଇ ପ୍ରମୁଖ ସହର ଏବଂ ନଗର ଗୁଡିକୁ ସଂଯୋଗ କରିବ।

ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଏଲଏଚ୍‌ବି କୋଚ୍, ଉନ୍ନତ ଆସନ ବ୍ୟବସ୍ଥା ଏବଂ ଆଧୁନିକ ଅନବୋର୍ଡ ସୁବିଧା ମାଧ୍ୟମରେ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ । ଏହା ବ୍ୟତୀତ, ଏହି ଟ୍ରେନ୍ ଯାତ୍ରା ସମୟ ହ୍ରାସ କରି ଏବଂ ଏକାଧିକ ଟ୍ରେନ୍ ବଦଳାଇବାର ଆବଶ୍ୟକତାକୁ ଦୂର କରି ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧାକୁ ବୃଦ୍ଧି କରିବ ।

ଟ୍ରେନ୍ ବିବରଣୀ:ଟ୍ରେନ୍ ନଂ. ୯୦୨୨ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ ଶନିବାର ଦିନ ୧୨:୦୦ ସମୟରେ ବ୍ରହ୍ମପୁରରୁ ପ୍ରସ୍ଥାନ କରିବ ଏବଂ ପରଦିନ ଅର୍ଥାତ ରବିବାର ରାତି ୨୧:୦୦ ସମୟରେ ଉଧନାରେ ପହଞ୍ଚିବ। ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ।

ରହଣି ସ୍ଥଳ (ଉଭୟ ପଟୁ):ଟ୍ରେନ୍ ନିମ୍ନଲିଖିତ ଷ୍ଟେସନଗୁଡ଼ିକରେ ରହଣି କରିବ:ଶ୍ରୀକାକୁଲମ୍ ରୋଡ୍, ବୋବିଲି , ପାର୍ବତୀପୁରମ୍, ମୁନିଗୁଡା, କେସିଙ୍ଗା, କାଣ୍ଟାବାଞ୍ଜି, ଖରିଆର ରୋଡ୍, ମହାସମୁନ୍ଦ, ଦୁର୍ଗ, ଗୋଣ୍ଡିଆ, ୱାର୍ଦ୍ଧା, ବଡ଼ନେରା, ଆକୋଲା, ମାଲକାପୁର, ଜାଲଗାଉଁ, ଧାରଣଗାଉଁ , ଅମଲନେର, ସିନ୍ଧଖେଡ଼ା, ଦୋନ୍ଦାଇଚ୍, ନୱାପୁର, ବ୍ୟାରା ଏବଂ ବାରଡୋଲି ।

କୋଚ୍ ସଂରଚନା:ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ ଯେଉଁଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ୍, ୦୮ ଟି ସ୍ଲିପର୍ ଶ୍ରେଣୀ କୋଚ୍, ୦୨ ଟି ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଏବଂ ୦୧ଟି ପ୍ୟାଣ୍ଟ୍ରି କାର୍ ଅନ୍ତର୍ଭୁକ୍ତ।

ଏହି ଶୁଭାରମ୍ଭ ଯାତ୍ରା ନିୟମିତ ଟ୍ରେନ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ପ୍ରଚଳନର ଏକ ପ୍ରାରମ୍ଭିକ ପଦକ୍ଷେପ, ଯାହାର ବିବରଣୀ ପୃଥକ ଭାବରେ ସୂଚିତ କରାଯିବ।

ଅମୃତ ଭାରତ ଏକ୍ସପ୍ରେସର ପ୍ରଚଳନ କେବଳ ଏକ ନୂତନ ଟ୍ରେନ୍ ନୁହେଁ, ବରଂ ପଶ୍ଚିମ ଏବଂ ପୂର୍ବ ଭାରତ ମଧ୍ୟରେ ସଂଯୋଗକୁ ଶକ୍ତିଶାଳୀ କରିବା ସହିତ ଯାତ୍ରୀଙ୍କୁ ଦ୍ରୁତ, ସୁରକ୍ଷିତ ଏବଂ ସୁଲଭ ଯାତ୍ରା ପ୍ରଦାନ କରିବାକୁ ଲକ୍ଷ୍ୟ କରେ ।ଅମୃତ ଭାରତ ଏକ୍ସପ୍ରେସ ଦୀର୍ଘଦୂର ରେଳ ସଂଯୋଗକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆଧୁନିକ ଡିଜାଇନ୍, ସୁଲଭ ଭଡ଼ା ଏବଂ ଶକ୍ତି-ଦକ୍ଷ ଏଲଏଚ୍‌ବି କୋଚ୍ ସହିତ, ଏହି ସେବା ବିଶେଷତଃ ମଧ୍ୟବିତ୍ତ ଯାତ୍ରୀମାନଙ୍କୁ ଲାଭଦାୟକ ହେବ, ଯେଉଁମାନେ ଶସ୍ତା ଯାତ୍ରା ଉପରେ ନିର୍ଭରଶୀଳ। ଏହା ଆଞ୍ଚଳିକ ଅଭିବୃଦ୍ଧିକୁ ଗତି ଦେବା ସହ, ଲୋକ-କେନ୍ଦ୍ରିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ। ଏହା ଆଧୁନିକ, ଜନ-କେନ୍ଦ୍ରିକ ସେବା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଉଭୟ ଗତିଶୀଳତା ଏବଂ ଆଞ୍ଚଳିକ ବିକାଶକୁ ସମର୍ଥନ କରେ।

## ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ବଲାଙ୍ଗୀର, ୨୪/୯/୨୦୨୫- ବଲାଙ୍ଗୀର ବ୍ଲକ୍ ଅନ୍ତର୍ଗତ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟ ଚନ୍ଦନଭାଟିରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଯାପନି ଉତ୍ସବରେ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ସାତଦିନ ଧରି ଅନୁଷ୍ଠିତ ଶିବିର କୁ ତା ୧୮/୯/୨୦୨୫ ରିଖ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ ।ପ୍ରୋଗ୍ରାମ ଅଫିସର୍ ତଥା ରାଜନୀତିବିଜ୍ଞାନ ଅଧ୍ୟାପକ ଶ୍ରୀ ଯୁଧିଷ୍ଠିର ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ବୃକ୍ଷ ରୋପଣ ,କଲେଜ୍ କେମ୍ପସ ସଫେଇ ,ପୋଷ୍ୟ ଗ୍ରାମ ବାଦାଘୋଡ଼ରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଡକ୍ଟର ଅଜିତ୍ କୁମାର ଭୋଇ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ କୁମାର ଖୁଆ ଯୋଗ ଦେଇ ଏକ ପେଡ ମା କେ ନାମ ପର ୦.୨ ର ମହତ୍ତ୍ୱ ଓ ସେବା ମନୋଭାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ କିଶୋର ନ୍ୟାୟ ଆଇନ୍ ର ବିଭିନ୍ନ ଆଇନ୍ ଯଥା ବାଲ୍ୟ ବିବାହ ନିଷେଧ ଆଇନ୍, ପୋସ୍କ ? ଆଇନ୍, ଶିଶୁଶ୍ରମିକ ଆଇନ୍ ଉପରେ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗଡ଼ ଏକ ପେଡ ମା କେ ନାମ ପର ୦.୨ ର ଗୁରୁତ୍ୱ ଉପରେ ବର୍ଣ୍ଣନା କରିବା ସହ ଗଛ ଲଗାଇବା, ଗଛ ର ଯତ୍ନ ନେବା ସହ,ମାତୃ ଭୂମି ଓ ମା ଙ୍କୁ ସମ୍ମାନ ଦେବା ପାଇଁ ଉତ୍ସାହିତ କରିବା ସହ ମାତୃ, ପିତୃ ହିନ ଶିଶୁ ଙ୍କ ପାଇଁ ରାଜ୍ୟ ସରକାର ଯଶୋଦା ଯୋଜନା,ଆଶୀର୍ବାଦ ଯୋଜନା,ଗ୍ରାନ ପାଷେଜ ସାର୍ଟିଫିକେଟ ଉପରେ ଜଣାଇ ଏହି ଯୋଜନା ର ଲାଭ ନେବା ପାଇ ଉତ୍ସାହିତ କରିଥିଲେ । ଏହି ଶିବିରରେ ମହାବିଦ୍ୟାଳୟର ଶିକ୍ଷକ, ଅଣ ଶିକ୍ଷକ ,ଛାତ୍ର,ଛାତ୍ରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସମ୍ ହସ୍ପିଟାଲ୍‌ରେ ୫ମ ଥର ପାଇଁ ଅଙ୍ଗଦାନ ପ୍ରକ୍ରିୟା ସମ୍ପନ୍ନ

ଭୁବନେଶ୍ୱର, ସେପ୍ଟେମ୍ବର ୨୪: ଅଙ୍ଗଦାନ କରି ଅମର ହେଲେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବରଦା ଗାଁର ୪୩ ବର୍ଷୀୟ ବବଲୁ ଧଳ। ଗତ ସେପ୍ଟେମ୍ବର ୧୮ ତାରିଖ ଦିନ କଟକ ଟାଙ୍ଗି ନିକଟରେ ସଡ଼କ ଦୁର୍ଘଟଣାର ଆହତ ହୋଇଥିବା ବବଲୁଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହେବା ପରେ ତାଙ୍କର ପରିବାର ୨ଟି ବୃକକ୍ ଓ ଗୋଟିଏ ଯକୃତ ଦାନ କରି ଅନ୍ୟ ତିନି ଜଣଙ୍କ ମୁହଁରେ ହସ ଫୁଟାଇଛନ୍ତି।

ରାସ୍ତା ଦୁର୍ଘଟଣାର ଶିକାର ହୋଇଥିବା ବବଲୁଙ୍କୁ ପ୍ରଥମେ କଟକ ଏସସିବି ମେଡିକାଲ୍ କଲେଜ ହସ୍ପିଟାଲରେ ଏବଂ ପରେ ଭୁବନେଶ୍ୱର ଆଇଏମ୍ଏସଆଣ୍ଡ ସମ୍ ହସ୍ପିଟାଲରେ ସେପ୍ଟେମ୍ବର ୨୦ ତାରିଖ ଦିନ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ବବଲୁଙ୍କୁ ଗତ ୨୨ ତାରିଖ ଦିନ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ପରେ ବବଲୁଙ୍କ ପରିବାର ତାଙ୍କ ଅଙ୍ଗଦାନ କରିବାର ନିଷ୍ପତି ନେଇଥିଲେ।



ଏ ନେଇ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ସୋଟୋ) ଏବଂ ସମ୍ ହସ୍ପିଟାଲ୍‌ର ମିଳିତ ଉଦ୍ୟମରେ ଅଙ୍ଗଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ବବଲୁଙ୍କ ଦୁଇଟି ବୃକକ୍ ମଧ୍ୟରୁ ଗୋଟିଏ କଟକ ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ଏବଂ ଅନ୍ୟଟି ଏମ୍ସକୁ ପଠାଇଯାଇଥିବା ବେଳେ ଯକୃତଟିକୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଗ୍ରୀନ୍ କରିଡର ପ୍ରସ୍ତୁତ କରି ପଠାଯାଇଥିଲା। ସମ ହସ୍ପିଟାଲ୍‌ରେ ଏହା ୫ମ ଅଙ୍ଗଦାନ ପ୍ରକ୍ରିୟା ବୋଲି ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସୂଚନା ଦେଇଛନ୍ତି।

# ନାଲକୋ ଠିକାଦାର ସଙ୍ଘ ପକ୍ଷରୁ ଆଞ୍ଚାଲଡୁ ପ୍ରଦାନ

ଅନୁଗୁଳ: ନାଲକୋ ବିଶ୍ୱକର୍ମା ପୂଜା ଉପଲକ୍ଷେ ମିନା ବଜାର ପଡିଆ ଠାରେ ନାଲକୋ ଠିକାଦାର ସଂଘ ଆନୁକୁଲ୍ୟରେ ପ୍ରଭୁ ବିଶ୍ୱକର୍ମା ଙ୍କ ଆଞ୍ଚାଲଡୁ ଲଟେରୀ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ର ମୁଖ୍ୟ ମହାପ୍ରବନ୍ଧକ ସଚ୍ଚିଦାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲଟେରୀ ମାଧ୍ୟମରେ ବିଜୟ ହୋଇଥିବା 'ମାନୁ କନଷ୍ଟକ୍ସନକୁ' ଆଞ୍ଚାଲଡୁ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଠିକାଦାର ସଂଘ ର ସଭାପତି ବିପ୍ଳବ ଜେନା,କାର୍ଯ୍ୟକାରୀ ସଭାପତି ବୁଲେସ ଜେନା,ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବିଶୋଇ,ପୂଜା କମିଟି ସଭାପତି ସତ୍ୟବାନ ବରାହ,ସଞ୍ଜୀବ ଗଡ଼ନାୟକ, କୁନା ଗଡ଼ନାୟକ,ସୁବୋଧ ଦାସ, ମୁକେଶ ଜେନା, ପ୍ରଭାତ ଗଡ଼ନାୟକ ପ୍ରମୁଖ ଶତାଧିକ ଠିକାଦାର ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ